CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୬ ◆ ଭୁବନେଶ୍ୱର ◆ ସୋମବାର ◆ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୦୪, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-06 ◆ Bhubaneswar ◆ Monday ◆ September 28 to October 04, 2026 ◆ Page-8 ◆ Price Rs.4.00

## ଏଣିକି ସୋମବାର ‘ନୋ ମିଟିଂ ଡେ’

ଭୁବନେଶ୍ୱର, (ଜା.ପ୍ର): ସୋମବାରକୁ ‘ଅଣ ବୈଠକ ଦିବସ’ ବା ‘ନୋ ମିଟିଂ ଡେ’ ଭାବେ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହି ଦିନ ସରକାରୀ କାର୍ଯ୍ୟାଳୟରେ କୌଣସି ବୈଠକ ହେବ ନାହିଁ। ଅତ୍ୟନ୍ତ ଜରୁରୀ ପରିସ୍ଥିତି ବ୍ୟତୀତ ସୋମବାର କୌଣସି ବୈଠକ ନରଖିବାକୁ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର ଓ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ସୋମବାର କେବଳ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ତାହାର ସମାଧାନ କରିବେ ଅଧିକାରୀ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ନିର୍ଦ୍ଦେଶ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର-ତଥା-ଶାସନ ସଚିବ, ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ପଠାଇଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଚିଠିରେ ଦର୍ଶାଯାଇଛି ଯେ, ପ୍ରତ୍ୟେକ ସୋମବାର ସରକାରୀ କାର୍ଯ୍ୟାଳୟରେ ସାଧାରଣ ଅଭିଯୋଗ ଶୁଣାଣି ଆୟୋଜିତ ହେଉଛି। ତେବେ ଏହି ଦିନ ମଧ୍ୟ ବିଭିନ୍ନ ବୈଠକ ରଖାଯାଉଥିବାରୁ ଅଧିକାରୀମାନଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟ ପ୍ରଭାବିତ ହେଉଛି। ସରକାରୀ ଅଧିକାରୀମାନେ ବୈଠକର ବାହାନା କରି ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି। ଦୂର ଦୁରାନ୍ତରୁ ନିଜ ସମସ୍ୟା ସମାଧାନ କରିବାକୁ ଆସୁଥିବା ସାଧାରଣ ଲୋକ ନିରାଶ ହୋଇ ଫେରିବାକୁ ପଡୁଛି।

### ଦକ୍ଷିଣ ଓଡ଼ିଶା ବନ୍ୟାଞ୍ଚଳରେ ମୁଖ୍ୟମନ୍ତ୍ରୀ

# ଦେଖିଲେ ଦୁର୍ଗତଙ୍କ ଦୁର୍ଦ୍ଦଶା



ଭୁବନେଶ୍ୱର,(ଜା.ପ୍ର): ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବନ୍ୟା ସ୍ଥିତି ସଙ୍ଗୀନ ହୋଇଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଅନେକ ଅଞ୍ଚଳରେ ବର୍ଷା, ଭୂସ୍ଖଳନ ଓ ବନ୍ୟା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଏହି ସ୍ଥିତି ମଧ୍ୟରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଞ୍ଚଳର ଏରିଅଲ ସର୍ଭେ କରିଛନ୍ତି। ତାଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନର ରାଜେଶ ପ୍ରଭାକର ପାଟିଲ ରହିଥିଲେ। କେବଳ ଆକାଶରୁ ନୁହେଁ, ବୋଟ୍‌ରେ ଯାଇ ବନ୍ୟାଞ୍ଚଳର ସ୍ଥିତି ମଧ୍ୟ ଦେଖିଛନ୍ତି ମୁଖ୍ୟମନ୍ତ୍ରୀ। ଏପରିକି କଳିଙ୍ଗା ଘାଟିରେ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ମଧ୍ୟ ବୁଲି ଦେଖିଛନ୍ତି।

ରବିବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୋରାପୁଟ, ନବରଙ୍ଗପୁର ଓ ଗଞ୍ଜାମ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ଗଞ୍ଜାମ ଓ ନବରଙ୍ଗପୁରର ବୁଲିବା ପରେ କୋରାପୁଟର କୋଟପାଡ଼ ବ୍ଲକର ଗ୍ରାଉଣ୍ଡକୁ ଯାଇଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଡଙ୍ଗାରେ ଯାଇ କୋଟାପାଡ଼ ବ୍ଲକର ତୁରୁଞ୍ଜି ଗାଁକୁ ଯାଇ, ସେଠାରେ ବନ୍ୟା ପ୍ରଭାବିତଙ୍କ ସ୍ଥିତି ଦେଖିବା ସହ ଗୁହାରୀ ବି ଶୁଣିଥିଲେ। ରିଲିଫ୍ ସେଣ୍ଟରରେ ବନ୍ୟା ପ୍ରଭାବିତ କ’ଣ ଖାଉଛନ୍ତି, ଆଉ କେମିତି ଅଛନ୍ତି, ତା ବି ପରଖିଥିଲେ। ପିରିଞ୍ଜି ଓ ଚାନ୍ଦିଲି ଅଞ୍ଚଳର ବନ୍ୟା ସ୍ଥିତି ପରଖିବା ପରେ ସେ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟରେ ଖୋଲାଯାଇଥିବା ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ। ଆଶ୍ରୟସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିଥିଲେ। ପ୍ରଶାସନ ପକ୍ଷରୁ ମିଳୁଥିବା ସହାୟତା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏଥିସହ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ, ଶିଶୁ ଖାଦ୍ୟ ଓ ଔଷଧ ଯୋଗାଣ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବନ୍ୟା ପୀଡ଼ିତଙ୍କ ସହ ସରକାର ରହିଛନ୍ତି। କ୍ଷୟକ୍ଷତିର ଆକଳନ ପରେ ନିୟମାନୁଯାୟୀ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ପୂର୍ବରୁ ସିଏମ୍ ଜୟପୁରରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ବନ୍ୟା ସ୍ଥିତି ମୁକାବିଲା ନେଇ କି ପଦକ୍ଷେପ ନିଆଯାଇଛି, ତାର ସମୀକ୍ଷା କରିଥିଲେ। ଆସନ୍ତା ସପ୍ତାହକ ମଧ୍ୟରେ ବନ୍ୟା କ୍ଷୟକ୍ଷତିର ସବିଶେଷ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଲଗାଣ ବର୍ଷା ଓ ବିଭିନ୍ନ ନଦୀରେ ବନ୍ୟା ଆସି ଦକ୍ଷିଣ ଓଡ଼ିଶାର ୩ ଜିଲ୍ଲାରେ ବ୍ୟାପକ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଅନେକ ଅଞ୍ଚଳ ଜଳବନ୍ଦୀ ହୋଇଥିବା ବେଳେ ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଏହି ସବୁ ଅଞ୍ଚଳ ଉପରେ ଆକାଶମାର୍ଗରୁ ନଜର ପକାଇଛନ୍ତି ମୁଖ୍ୟମନ୍ତ୍ରୀ। କେଉଁ ଅଞ୍ଚଳରେ କେତେ ପାଣି, କେଉଁଠି ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ଏବଂ କେଉଁଠି ଅଧିକ ରିଲିଫ୍ ଓ ଉଦ୍ଧାର ଆବଶ୍ୟକ ସେସବୁର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥି ସହିତ ଜଳବନ୍ଦୀ ଅଞ୍ଚଳର ବାସ୍ତବ ସ୍ଥିତି ଜାଣିବା ପାଇଁ ବୋଟ୍‌ରେ ଯାଇ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ। କୋରାପୁଟ ଜିଲ୍ଲାର କୋଟପାଡ଼ ଅଞ୍ଚଳ ସମେତ ଅନେକ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଘରଭିତରେ ପାଣି ପଶିଥିବା ବେଳେ ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଯୋଗାଯୋଗ ବ୍ୟବସ୍ଥାରେ ବାଧା ସୃଷ୍ଟି ହୋଇଛି। ରେଳ ଚଳାଚଳ ମଧ୍ୟ କେତେକ ସ୍ଥାନରେ ବ୍ୟାହତ ହୋଇଛି। ସେହିପରି ନବରଙ୍ଗପୁରରେ ମଧ୍ୟ ସ୍ଥିତି ଦୟନୀୟ ହୋଇଛି। ଅନେକ ପଞ୍ଚାୟତରେ ଧାନ, ମକା ଓ ପନିପରିବା ଚାଷ ଜମିରେ ପାଣି ଜମିଛି। ଦକ୍ଷିଣ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ପଥ କଳିଙ୍ଗା ଘାଟି। ପ୍ରବଳ ବର୍ଷାରେ ଘାଟି ଅଞ୍ଚଳରେ ମଧ୍ୟ କ୍ଷୟକ୍ଷତି ହୋଇଛି। ରାସ୍ତା ଓ ପାହାଡ଼ିଆ ଅଞ୍ଚଳର ସ୍ଥିତି ନିଜେ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ। ଏପଟେ ୬ ଦିନ ଧରି ଦକ୍ଷିଣ ଓଡ଼ିଶାର ଅନ୍ୟତମ ଲାଇଫ ଲାଇନ କଳିଙ୍ଗା ଘାଟି ବନ୍ଦ ରହିଥିବାରୁ, ତା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଜି ସମୀକ୍ଷା କରିଛନ୍ତି। ବର୍ଷା କମିଛି, ହେଲେ ଦୁର୍ଦ୍ଦଶା ଏବେ ବି ଅନେକ ଅଞ୍ଚଳରେ ଜାରି ରହିଛି। ଜଳବନ୍ଦୀଙ୍କ ଉଦ୍ଧାର ପରେ ରିଲିଫ୍, ଭାଙ୍ଗିଥିବା ଘର ପାଇଁ ସହାୟତା, ଚାଷୀଙ୍କ ଫସଲ କ୍ଷତିର ଆକଳନ ଏବଂ ରାସ୍ତାଘାଟ ପୁନରୁଦ୍ଧାର ଏବେ ସରକାରଙ୍କ ସାମ୍ନାରେ ବଡ଼ ଚ୍ୟାଲେଞ୍ଜ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏରିଏଲ୍ ସର୍ଭେ ପରେ ଏବେ ଜିଲ୍ଲା ପ୍ରଶାସନର ରିପୋର୍ଟ ଓ ତାହା ଆଧାରରେ ରିଲିଫ୍-ଥଇଥାନ ବ୍ୟବସ୍ଥା କିପରି କରାଯିବ ତାହା ଉପରେ ନଜର ରହିଛି।

# ମହାନଦୀରେ ପୁଣି ବନ୍ୟା

ଭୁବନେଶ୍ୱର,(ଜା.ପ୍ର): ପୁଣି ମହାନଦୀରେ ଛୋଟ ବନ୍ୟା ଆସୁଛି। ଏଥିପାଇଁ ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ଆସନ୍ତାକାଲି ଅର୍ଥାତ ସୋମବାର ସକାଳଠାରୁ ପ୍ରାୟ ୨୪ ଘଣ୍ଟା ଯାଏଁ ଜଳବନ୍ଦୀ ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଉପରମୁଣ୍ଡରେ ଲଗାଣ ବର୍ଷା ପରେ ମହାନଦୀର ଜଳସ୍ତର ବଢ଼ିଛି। ହୀରାକୁଦରେ ବଢୁଥିବା ଜଳ ପ୍ରବେଶକୁ ନିୟନ୍ତ୍ରଣ କରିବାକୁ ୨୮ଟି ଗେଟ୍ ଖୋଲାଯାଇଛି। ଏବେ ନଜର ମୁଣ୍ଡଳୀ ଉପରେ। ରବିବାର ରାତିରୁ ସୋମବାର ସକାଳ ଭିତରେ ମୁଣ୍ଡଳୀରେ ପ୍ରାୟ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ ବୋଲି ଆକଳନ କରାଯାଉଛି। ତେବେ ଏଥିଯୋଗୁ ମହାନଦୀର ବିଭିନ୍ନ ଶାଖା ନଦୀରେ ଛୋଟ ଧରଣର ବନ୍ୟା ଆସିବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଚଳିତ ବର୍ଷ ମହାନଦୀରେ ଏହା ଚତୁର୍ଥ ଛୋଟ ବନ୍ୟା। ତେବେ ଜଳ ପ୍ରବାହ ବଢ଼ିଲେ କଟକ, ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ାର ତଳିଆ ଅଞ୍ଚଳ ସହ ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା, ଗୋପ, ଏରସମା, ବାଲିକୁଦା ଓ ପାଟକୁରାରେ ଜଳବନ୍ଦୀ ସ୍ଥିତି ଦେଖାଦେଇପାରେ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି।

ପ୍ରକାଶ ଯେ ଲଘୁଚାପ ପ୍ରଭାବରେ ଓଡ଼ିଶା ସମେତ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ବର୍ଷା ହେବା ପରେ ନଦୀକୁ ଆସୁଥିବା ଜଳ ପରିମାଣ ବଢ଼ିଛି। ଏହାର ପ୍ରଭାବରେ ହୀରାକୁଦ ଜଳଭଣ୍ଡାରରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ହୀରାକୁଦରେ ଜଳସ୍ତର ୬୨୮.୧୯ ଫୁଟ୍ ରହିଛି ଏବଂ ୨୮ଟି ଗେଟ୍ ଖୋଲାଯାଇଛି। ଆବଶ୍ୟକତା ଅନୁସାରେ ଆଉ କିଛି ଗେଟ୍ ଖୋଲାଯାଇପାରେ। ହୀରାକୁଦ ଡ୍ୟାମ୍‌ରୁ ନିଷ୍କାସିତ ପାଣିରେ ତେଲ୍ ବେସିନର ପାଣି ମିଶିବା ଫଳରେ ରବିବାର ରାତି ସୁଦ୍ଧା କଟକ ମୁଣ୍ଡଳିରେ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ। ଏହି ପରିମାଣ ଧୀରେ ଧୀରେ ବଢ଼ି ସୋମବାର ସକାଳ ୧୦ଟା ସୁଦ୍ଧା ୮ ଲକ୍ଷ କ୍ୟୁସେକରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଛୋଟ ଧରଣର ବନ୍ୟା ସ୍ଥିତି ଉପୁଜିବ ବୋଲି କହିଛନ୍ତି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ। ମହାନଦୀର ଶାଖା ନଦୀ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, କାଠଯୋଡ଼ି, କୁଆଖାଇ, ଦେବୀ, ଦୟା, ଭାର୍ଗବୀ, ରାଜୁଆ ଓ ମକରାରେ ବନ୍ୟା ଆସିବ। ଏହା ଫଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ତଳିଆ ଅଞ୍ଚଳ ପ୍ରଭାବିତ ହେବ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା, ଗରଦପୁର ମଧ୍ୟ ବନ୍ୟାରେ ପ୍ରଭାବିତ ହୋଇପାରେ। ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା ଗୋପ୍, ଏରସମା ବାଲିକୁଦା ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଗତ ଜୁଲାଇ ୩୦ ତାରିଖରେ ଆସିଥିବା ବନ୍ୟା ବେଳେ ମୁଣ୍ଡଳିରେ ୮.୯ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହୋଇଥିବା ବେଳେ ଏଥର ଏହାକୁ ୮ ଲକ୍ଷ କ୍ୟୁସେକ୍ ମଧ୍ୟରେ ସୀମୀତି ରଖିବାକୁ ଚେଷ୍ଟା କରାଯାଉଥିବା ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି। ସେପଟେ ମହାନଦୀର ଶାଖା ନଦୀ ଦେବୀ ଓ ପାଇକାରେ ବନ୍ୟାପାଣି ବଢ଼ିବା ପରେ ଛାନିଆ ଜଗତସିଂହପୁର ଜିଲ୍ଲାର ନଈକୂଳିଆ ଲୋକେ। କିଛି ଦିନ ତଳେ ଆସିଥିବା ବନ୍ୟାରେ ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରେ ବହୁ ଅଂଚଳ ଜଳବନ୍ଦୀ ହୋଇଥିଲା। ବନ୍ୟା ପ୍ଲାବିତ ଲୋକକମାନେ କିଛିଦିନ ତଳେ ଘର ସଜାଡ଼ି ଫେରିଥିବା ବେଳେ ପୁଣି ଥରେ ବନ୍ୟା ଆସୁଥିବାରୁ ଭୟଭୀତ ହୋଇପଡ଼ିଛନ୍ତି।

CMYK

ଜାତୀୟ ଚେତନା
JATIYA CHETANA



# ସର୍ଜିକାଲ୍ ଷ୍ଟ୍ରାଇକ୍ ଆତଙ୍କବାଦ ବିରୋଧରେ ଏକ ସାହସିକ ଉଦାହରଣ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ମସିହାର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ଆତଙ୍କବାଦ ବିରୋଧରେ ଏକ ନିର୍ଣ୍ଣାୟକ ଜବାବ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଏହି ସାମରିକ ଅପରେସନ୍ ସମଗ୍ର ବିଶ୍ୱ ସମ୍ମୁଖରେ ଭାରତର ଆତଙ୍କବାଦ ବିରୋଧୀ ନୀତିର ଏକ 'ସାହସିକ ନୂତନ ଉଦାହରଣ' ସ୍ଥାପନ କରିଛି। ନିଜର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଭାରତ ଆତଙ୍କବାଦ ବିରୋଧରେ 'ଜିରୋ ଟଲରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଆପଣାଇଛି। ପ୍ରତ୍ୟେକ ଆତଙ୍କୀ ଆକ୍ରମଣର ଦୃଢ଼ ଏବଂ ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ଏହି ପଦକ୍ଷେପ ମାଧ୍ୟମରେ ସ୍ପଷ୍ଟ କରିଦିଆଯାଇଛି।

ଗତ ୨୦୧୬ ସେପ୍ଟେମ୍ବର ୨୮-୨୯ ରାତିରେ ହୋଇଥିବା ସାମରିକ ଅପରେସନ୍‌କୁ ସ୍ମରଣ କରି ସେ ପ୍ରକାଶ କରିଛନ୍ତି ଯେ ଜମ୍ମୁ ଏବଂ କାଶ୍ମୀରର ଉରିଠାରେ ଥିବା ସେନା ଶିବିର ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ନିୟନ୍ତ୍ରଣ ରେଖା (ଏଲ୍ଓସି) ପାର କରି ଆତଙ୍କବାଦୀଙ୍କ ଲଞ୍ଚ ପ୍ୟାଡ୍ ଗୁଡ଼ିକୁ ସଫଳତାର ସହ ଧ୍ୱଂସ କରିଥିଲା। ଭାରତ ଦୀର୍ଘ ଦିନ ଧରି ଆତଙ୍କବାଦୀ ଆକ୍ରମଣର ଯନ୍ତ୍ରଣା ସହିଆସିଥିଲା, କିନ୍ତୁ ସର୍ଜିକାଲ୍ ଷ୍ଟ୍ରାଇକ୍ ଏହି ଅପରାଧିକ କାର୍ଯ୍ୟକଳାପ ବିରୋଧରେ ଏକ ଶକ୍ତ ପ୍ରହାର ଥିଲା। ଏହି ଅପରେସନ୍ ପ୍ରମାଣିତ କରିଛି ଯେ ଆତଙ୍କବାଦକୁ ପ୍ରତିହତ କରିବା ପାଇଁ ଭାରତ ଯେକୌଣସି ସୀମା ପାର୍ କରିବାକୁ ପ୍ରସ୍ତୁତ ରହିଛି।

କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଚାଲିଥିବା ଜନଗଣନା ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି। ଏହାକୁ ଏକ ଜାତୀୟ ଦାୟିତ୍ୱ ଭାବେ ଅଭିହିତ କରି ସେ ପ୍ରତ୍ୟେକ ନାଗରିକଙ୍କୁ ଅନଲାଇନ୍ ଗଣନା ସୁବିଧାର ବ୍ୟବହାର କରିବାକୁ ଉତ୍ସାହିତ କରିଛନ୍ତି। ଏହାଛଡ଼ା ମାଦକ ଦ୍ରବ୍ୟ ଓ ନିଶା କାରବାର ବିରୋଧରେ ଦେଶର ଯୁବପିଢ଼ି 'ନିଶା ମୁକ୍ତ ଯୁବ ଅଭିଯାନ' ଜରିଆରେ ବ୍ୟାପକ ସଚେତନତା ସୃଷ୍ଟି କରୁଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ଲକ୍ଷ ଲକ୍ଷ ଯୁବକ ନିଶାଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ସରକାରୀ ସ୍ତରରେ ସଂକଳ୍ପ ନେଇଛନ୍ତି ବୋଲି ସେ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ବିଶ୍ୱ ହିନ୍ଦୁ ପରିଷଦର ଦିବଂଗତ ନେତା ଅଶୋକ ସିଂଘଲଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାମ ଜନ୍ମଭୂମି ଆନ୍ଦୋଳନରେ ସିଂଘଲଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ମରଣ କରି ମୋଦୀ କହିଛନ୍ତି ଯେ ତାଙ୍କ ଜୀବନ ସମାଜ ସେବା ଏବଂ ଜଣେ ସନ୍ନ୍ୟାସୀଙ୍କ ସ୍ୱତନ୍ତ୍ର ଗୁଣରେ ପରିପୂର୍ଣ୍ଣ ଥିଲା। ସମାଜର ମଙ୍ଗଳ ପାଇଁ ତାଙ୍କର ନିଷ୍ଠିତ ଉତ୍ସର୍ଗୀକୃତ ଭାବନା ସଦାସର୍ବଦା ପ୍ରେରଣାଦାୟୀ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ନିଜ ଉଦ୍‌ବୋଧନରେ କହିଛନ୍ତି।

# ଗଢ଼ିଲା ଦେଶର ପ୍ରଥମ ଏଲ୍ଏନ୍ଜି ଟ୍ରେନ୍






ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ସବୁଜ ପରିବହନ ଅଭିଯାନରେ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଅହମ୍ମଦାବାଦର ସାବରମତୀ ରେଳ ଷ୍ଟେସନରୁ ସେ ଦେଶର ପ୍ରଥମ ଲିକ୍ୱିଫାଇଡ୍ ନେଚୁରାଲ୍ ଗ୍ୟାସ୍ (ଏଲ୍ଏନ୍ଜି) ଚାଳିତ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଯୁଗାନ୍ତକାରୀ ଏଲ୍ଏନ୍ଜି ଟ୍ରେନ୍ ସହିତ ଗୃହମନ୍ତ୍ରୀ ଗୁଜରାଟରେ ୧,୫୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ଓ ଆଧୁନିକୀକରଣ ପ୍ରକଳ୍ପର ଉଦ୍‌ଘାଟନ, ଲୋକାର୍ପଣ ଏବଂ ଶିଳାନ୍ୟାସ କରିଛନ୍ତି।

ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି ଦ୍ୱାରା ବିକଶିତ ଏହି ଏଲ୍ଏନ୍ଜି-ଡିଜେଲ୍ ଡୁଆଲ୍-ଫ୍ୟୁଏଲ୍ (ଦ୍ୱୈତ-ଇନ୍ଧନ) ଡିଏମ୍ୟୁ ଟ୍ରେନ୍‌ରେ ଏପରି ଏକ ବିଶେଷ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି, ଯାହା ଦ୍ୱାରା ଗୋଟିଏ ଇଞ୍ଜିନ୍ ଉଭୟ ଏଲ୍ଏନ୍ଜି ଏବଂ ଡିଜେଲ୍‌ରେ ଚାଲିପାରିବ। ଫଳରେ ଟ୍ରେନ୍‌ଟି କେବଳ ଏଲ୍ଏନ୍ଜି ଉପରେ ନିର୍ଭର ନକରି, ଇନ୍ଧନର ଉପଲବ୍ଧତା ଅନୁଯାୟୀ ଡିଜେଲ୍‌କୁ ପରିବର୍ତ୍ତିତ ହୋଇପାରିବ। ଡିଜେଲ୍ ବ୍ୟବହାର ହ୍ରାସ କରିବା ଏବଂ ପରିବେଶ ଅନୁକୂଳ ବିକଳ୍ପ ଇନ୍ଧନକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ପଶ୍ଚିମ ରେଳପଥର ଅହମ୍ମଦାବାଦ ଡିଭିଜନ୍ ଦ୍ୱାରା ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯିବ। ଅହମ୍ମଦାବାଦ ରେଳ ଡିଭିଜନ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ଉଦ୍‌ଘାଟନୀ ଯାତ୍ରାରେ ଏହି ଟ୍ରେନ୍‌ଟି ସାବରମତୀରୁ ମେହସାଣା ଜଙ୍କସନ୍ ମଧ୍ୟରେ ଚାଲିଛି। ତେବେ ଏହାର ନିୟମିତ ଚୂଡ଼ାନ୍ତ ରୁଟ୍ ଏପର୍ଯ୍ୟନ୍ତ ସ୍ଥିର ହୋଇନଥିବା ବେଳେ ଖୁବ୍‌ଶୀଘ୍ର ଏହାର ଘୋଷଣା କରାଯିବ। ୮ଟି କୋଚ୍ ବିଶିଷ୍ଟ ଏହି ନନ୍-ଏସି ଚେୟାର କାର୍ ଟ୍ରେନ୍‌ଟି ପ୍ରାୟ ୬୨ କିଲୋମିଟର ଦୂରତାକୁ ୧ ଘଣ୍ଟା ୨୦ ମିନିଟ୍‌ରେ ଅତିକ୍ରମ କରିବ। ଯାତ୍ରା ପଥରେ ଏହା ଝୁଲାସନ୍, ଡାଙ୍ଗରୱା, ଅମ୍ବଲିୟାସନ୍ ଏବଂ ଜାଗୁଦାନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍ ଦେଇ ଅତିକ୍ରମ କରିବ।

# ଶାନ୍ତି ଆଲୋଚନା ବିଫଳ: ଆମେରିକାକୁ ଧମକାଇଲା ଇରାନ

ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକା ସହ ବଢୁଥିବା ତୀବ୍ର ଉତ୍ତେଜନା ମଧ୍ୟରେ ଇରାନ ସେନା ପକ୍ଷରୁ କଡ଼ା ଚେତାବନୀ ଜାରି କରାଯାଇଛି। ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ ଦେଶ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେନା ମୁଖପାତ୍ର ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ଜଳପଥ ଖୋଲିବା ପାଇଁ ଦିଆଯାଇଥିବା ୭ ଦିନିଆ ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି। ଇରାନ ଯୁଦ୍ଧରେ ହାରୁଥିବାରୁ ଏହି ଚୁକ୍ତି କରିବାକୁ ଚାହୁଁଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ତେବେ କତର ଓ ପାକିସ୍ତାନ ଭଳି ମଧ୍ୟସ୍ଥ ଦେଶ ଜରିଆରେ ଆମେରିକାର ସ୍ପଷ୍ଟ ଉତ୍ତରକୁ ଇରାନ ଅପେକ୍ଷା କରିଛି।

ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ କେବଳ ଆଲୋଚନା ମାଧ୍ୟମରେ ଏହି ଜଳପଥ ବିବାଦର ସମାଧାନ ହୋଇପାରିବ। ହର୍ମୁଜ୍ ଜଳପଥ ଖୋଲିବା ବଦଳରେ ଇରାନ ବନ୍ଦରଗୁଡ଼ିକ ଉପରୁ କଟକଣା ହଟାଇବା ପାଇଁ ଉଦ୍ୟମ ଚାଲିଥିଲା। ଅନ୍ୟପଟେ ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରବର ରାଜଧାନୀ ରିୟାଦ ଉପରେ ଆକ୍ରମଣ କରିବା ସହ ଆମେରିକାର ସହଯୋଗୀ ଦେଶଗୁଡ଼ିକ ବିରୋଧରେ ଆକ୍ରମଣ ତୀବ୍ର କରିଛନ୍ତି।

ଜାତିସଂଘ ମହାସଭାରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସକିଆନ ସ୍ପଷ୍ଟ କରିଥିଲେ ଯେ କଟକଣା ନ ହଟିବା ଯାଏଁ ହର୍ମୁଜ୍ ଜଳପଥ ଦେଇ ଜାହାଜ ଚଳାଚଳ ଅନୁମତି ଦିଆଯିବ ନାହିଁ। ଏହା ସହିତ ନିଜର ବିକାଶ ପାଇଁ ଆଣବିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବାର ଅଧିକାରକୁ ଇରାନ କେବେହେଲେ ଛାଡ଼ିବ ନାହିଁ ବୋଲି ସେ ଦୃଢ଼ ଭାବେ ପ୍ରକାଶ କରିଛନ୍ତି।

## ତମ୍ବା, ଆଲୁମିନିୟମ, ଅଶୋଧିତ ତୈଳ ମହଙ୍ଗା ହେବାର ପ୍ରଭାବ

# ୧ରୁ ୮% ବଢ଼ିବ ଏସି, ଟିଭି, ଫ୍ରିଜ୍ ମୂଲ୍ୟ




ନୂଆଦିଲ୍ଲୀ,(ଏଜେନ୍ସି): ପାର୍ବଣ ଋତୁରେ ଇଲେକ୍ଟ୍ରୋନିକ୍ସ ଏବଂ କଞ୍ଜ୍ୟୁମର୍ ଆପ୍ଲାଏନ୍‌ସେସ୍ ସାମଗ୍ରୀ କିଣିବାକୁ ଯୋଜନା କରୁଥିବା ଗ୍ରାହକଙ୍କ ପକେଟ୍ ଉପରେ ଅତିରିକ୍ତ ବୋଝ ବଢ଼ିବାକୁ ଯାଉଛି। ରିପୋର୍ଟ ଅନୁସାରେ ଅକ୍ଟୋବର ୧ ତାରିଖରୁ କମ୍ପାନୀଗୁଡ଼ିକ ଏସି, ଏଲ୍ଇଡି ଟିଭି, ୱାଶିଂ ମେସିନ୍ ଏବଂ ଫ୍ରିଜ୍ ଭଳି ସାମଗ୍ରୀର ମୂଲ୍ୟରେ ପ୍ରାୟ ୮% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ ବଜାରରେ ତମ୍ବା (କପର), ଷ୍ଟିଲ୍, ଆଲୁମିନିୟମ୍ ଏବଂ ଅଶୋଧିତ ତୈଳ (କ୍ରୁଡ୍ ଅଏଲ୍) ସହିତ ଜଡ଼ିତ କଞ୍ଚାମାଲ ଦର ବୃଦ୍ଧି ତଥା ମୁଦ୍ରାରେ ଦେଖାଦେଇଥିବା ଅସ୍ଥିରତା କାରଣରୁ କମ୍ପାନୀଗୁଡ଼ିକ ଏହି ନିଷ୍ପତ୍ତି ନେଇଛନ୍ତି। ଯଦି ଏପରି ହୁଏ ତେବେ ୨୦୨୬ ବର୍ଷରେ କଞ୍ଜ୍ୟୁମର୍ ଇଲେକ୍ଟ୍ରୋନିକ୍ସ ଶିଳ୍ପ ପକ୍ଷରୁ ଏହା ସାମଗ୍ରର ମୂଲ୍ୟରେ ତୃତୀୟ ଥର ପାଇଁ ବୃଦ୍ଧି ହେବ। ଶିଳ୍ପ ବିଶେଷଜ୍ଞଙ୍କ ମତରେ, ଏୟାର କଣ୍ଡିସନର (ଏସି) ମୂଲ୍ୟରେ ସର୍ବାଧିକ ୫% ରୁ ୮% ପର୍ଯ୍ୟନ୍ତ ବୃଦ୍ଧି ଘଟିବ। ଅନ୍ୟପକ୍ଷରେ ୱାଶିଂ ମେସିନ୍, ରେଫ୍ରିଜରେଟର୍ ଏବଂ ଏଲ୍ଇଡି ଟିଭି ମୂଲ୍ୟ ମଧ୍ୟ ୩% ରୁ ୪% ପର୍ଯ୍ୟନ୍ତ ବଢ଼ିବା ଦେଖାଯାଇପାରେ। ତେବେ ସଦ୍ୟତମ ରିପୋର୍ଟ ଅନୁସାରେ ବ୍ଲୁ ଷ୍ଟାର୍, ଗୋଦରେଜ୍ ଆପ୍ଲାଏନ୍‌ସେସ୍, ହାୟର, ଡାଇକିନ୍ ଏବଂ ସୁପର ପ୍ଲାଷ୍ଟ୍ରୋନିକ୍ସ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ୪% ରୁ ୧୦% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ନିଶ୍ଚିତ କରିସାରିଛନ୍ତି। ସେହିପରି ଏଲ୍‌ଜି ଏବଂ ହିଟାଚି ଭଳି କମ୍ପାନୀ ସେମାନଙ୍କ ଏସି ମୂଲ୍ୟ ପ୍ରାୟ ୫% ପର୍ଯ୍ୟନ୍ତ ବଢ଼ାଇ ସାରିଛନ୍ତି; ଅନ୍ୟପକ୍ଷରେ ପାନାସୋନିକ୍ ଦର ବୃଦ୍ଧି କରିବା ପୂର୍ବରୁ ସ୍ଥିତି ସମୀକ୍ଷା କରୁଛି, ଯାହା ପରେ ସେ ମୂଲ୍ୟ ବୃଦ୍ଧି ଉପରେ ନିଷ୍ପତ୍ତି ନେବ। ଏଭଳି ଏକ ରିପୋର୍ଟ ମଧ୍ୟରେ ହାୟର ଇଣ୍ଡିଆ ସଭାପତି ଏନ୍. ଏସ୍. ସତୀଶ କହିଛନ୍ତି ଯେ ବିଗତ ଏକ ବର୍ଷ ମଧ୍ୟରେ ତମ୍ବା ଦର ୮,୦୦୦-୯,୦୦୦ ଡଲାରରୁ ବୃଦ୍ଧି ପାଇ ମେଟ୍ରିକ୍ ଟନ୍ ପିଛା ୧୪,୫୦୦ ଡଲାରରେ ପହଞ୍ଚିଛି। ଗୋଟିଏ ଏସି ତିଆରିରେ ୩ରୁ ୪ କିଲୋଗ୍ରାମ ତମ୍ବା ଆବଶ୍ୟକ ହୋଇଥାଏ। ସୁତରାଂ ସ୍ଥିତିକୁ ଦେଖି କମ୍ପାନୀ ଆସନ୍ତା ୧ରୁ ଏସି ମୂଲ୍ୟ ଉପରେ ୫% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବାଧ୍ୟ ହୋଇଛି। ଅକ୍ଟୋବରରୁ ଜାନୁଆରୀ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ସମୁଦାୟ ୧୫% ପର୍ଯ୍ୟନ୍ତ ବୃଦ୍ଧି ଘଟିବା ଆକଳନ କରାଯାଉଛି।

କମ୍ପାନୀଗୁଡ଼ିକର ବିଶ୍ୱାସ ଯେ ପାର୍ବଣ ଋତୁର ବିକ୍ରି ଉପରେ ଏହି ଦର ବୃଦ୍ଧିର ପ୍ରଭାବ ସୀମିତ ରହିବ। ଏହାର କାରଣ ହେଉଛି ଅଧିକାଂଶ ଡିଲର୍ ଏବଂ ଡିଷ୍ଟ୍ରିବ୍ୟୁଟର ଅଗଷ୍ଟ ଏବଂ ସେପ୍ଟେମ୍ବର ମାସର ପ୍ରି-ବାଇଂ ସ୍କିମ୍ ଅଧୀନରେ ପୁରୁଣା ଷ୍ଟକ୍ ପୂର୍ବରୁ ହିଁ କିଣି ରଖିଛନ୍ତି। ସପ୍ଲାଇ ପାଇପଲାଇନରେ ଏବେ ମଧ୍ୟ ୧ରୁ ୧.୫ ମାସର ପୁରୁଣା ଷ୍ଟକ୍ ଉପଲବ୍ଧ ରହିଛି, ଯାହାର ଲାଭ ଉଠାଇ ଗ୍ରାହକମାନେ ଦୀପାବଳି ପର୍ଯ୍ୟନ୍ତ ପୁରୁଣା ଦରରେ ହିଁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିପାରିବେ। ଏହାର ଅର୍ଥ ଏସବୁ ସାମଗ୍ରୀର ନୂଆ ମୂଲ୍ୟ ଦୀପାବଳି ପରେ ସମ୍ପୂର୍ଣ୍ଣ ରୂପେ ଲାଗୁ ହେବ।

ଜାତୀୟ ଚେତନା
JATIYA CHETANA



## ପ୍ରଯୁକ୍ତିବିଦ୍ୟା ଚାଳିତ, ସମାବେଶୀ ଓ ସମୁଦାୟ ନେତୃତ୍ୱାଧୀନ ପର୍ଯ୍ୟଟନ ବିକାଶ ପାଇଁ ଆହ୍ୱାନ



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ଡିଜିଟାଲ୍ ନବସୃଜନ, ନିରନ୍ତର ପର୍ଯ୍ୟଟନ, ସଂସ୍ଥାଗତ ଭାଗିଦାରୀ, ସାହସିକ ଓ ଐତିହ୍ୟ ପର୍ଯ୍ୟଟନ, ଉଦ୍ୟୋଗିତା ଏବଂ ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭାଗିଦାରୀକୁ ଗୁରୁତ୍ୱ ଦେଇ 'ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬' ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ଶାସନ ସଚିବ  ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

'ପର୍ଯ୍ୟଟନର ପୁନଃ ପରିକଳ୍ପନା ପାଇଁ ଡିଜିଟାଲ୍ ଆଜେଣ୍ଡା ଏବଂ କୃତ୍ରିମ ବୁଦ୍ଧିମତ୍ତା ' ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬ର ଏହି ମୂଳ ଭାବନାକୁ ଆଧାର କରି ଏହି ସମାରୋହ ଆୟୋଜିତ ହୋଇଥିଲା। ଏହା ପର୍ଯ୍ୟଟନ କ୍ଷେତ୍ରକୁ ସୁଗମ, ସଂଯୋଜିତ ଏବଂ ଭବିଷ୍ୟତ-ଉପଯୋଗୀ କରିବାରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ଡିଜିଟାଲ୍ ସମାଧାନର ବୃଦ୍ଧିପାଉଥିବା ଭୂମିକାକୁ ଦର୍ଶାଇଥାଏ। ଏହି ଅବସରରେ  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ ଜୀବିକା ସୃଷ୍ଟି, ଉଦ୍ୟୋଗିତାର ବିକାଶ ଏବଂ ସ୍ଥାନୀୟ ସମୁଦାୟକୁ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ଭାଗିଦାରୀ କରିବାରେ ପର୍ଯ୍ୟଟନର ପରିବର୍ତ୍ତନକାରୀ ସାମର୍ଥ୍ୟ ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶାର ପର୍ଯ୍ୟଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପର୍ଯ୍ୟଟକଙ୍କ ଅନୁଭୂତିକୁ ସମୃଦ୍ଧ କରିବା ପାଇଁ ପ୍ରଯୁକ୍ତି ବିଦ୍ୟା, ନିରନ୍ତରତା, ଐତିହ୍ୟ, ନବସୃଜନ ଏବଂ ସମୁଦାୟର ସହଭାଗିତାକୁ ଏକତ୍ରିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶାର ପର୍ଯ୍ୟଟନ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ ସମନ୍ୱିତ ଉଦ୍ୟମ, ସଂସ୍ଥାଗତ ଭାଗିଦାରୀ ଏବଂ ନବସୃଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟନ ବିକାଶ ଦ୍ୱାରା ଗନ୍ତବ୍ୟ ସ୍ଥଳଗୁଡ଼ିକର ସୁପରିଚାଳନା ସହ ସ୍ଥାନୀୟ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଉପରେ ସେ ବକ୍ତବ୍ୟ ରଖିଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ପ୍ରସାରଣ ଏବଂ ଓଡ଼ିଶା ପର୍ଯ୍ୟଟନର ବିବିଧ ଆକର୍ଷଣ ଓ ପଦକ୍ଷେପ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା।

### ଏସ୍ଆଇଆର ପ୍ରକ୍ରିୟାରେ କୌଣସି ତ୍ରୁଟି ନାହିଁ: ମୁଖ୍ୟମନ୍ତ୍ରୀ

## 'ହତାଶାରୁ କଂଗ୍ରେସ ଆଣୁଛି ଅଭିଯୋଗ'

ଭୁବନେଶ୍ୱର,(ଜା.ପ୍ର): ଦେଶର ନିର୍ବାଚନ କମିଶନ ପକ୍ଷରୁ ପ୍ରାୟ ଦୀର୍ଘ ୨୫ ବର୍ଷ ପରେ ସାରା ଦେଶରେ ସ୍ପେସିଆଲ୍ ଇନ୍‌ଟେନ୍ସିଭ୍ ରିଭିଜନ୍ ବା ଏସଆଇଆର୍ କାର୍ଯ୍ୟକାରୀ ହୋଇଛି। ଏହା ଅତ୍ୟନ୍ତ ସ୍ୱଚ୍ଛ ଏବଂ ଡିଜିଟାଲ ଟେକ୍ନୋଲୋଜିର ପ୍ରୟୋଗରେ ଦକ୍ଷତାର ସହ କାର୍ଯ୍ୟକାରୀ କରାଯାଇଛି। କିନ୍ତୁ ଦେଶର ବିରୋଧୀ ଦଳଗୁଡ଼ିକ, ବିଶେଷ କରି କଂଗ୍ରେସ ଦଳ ଏହାକୁ ବିରୋଧ କରି ନାନା ପ୍ରକାର କୁତ୍ସାରଟନା କରୁଛି ଏବଂ ସାରା ଦେଶରେ ଗୋଟିଏ ନେଗେଟିଭ୍ ମାହୋଲ ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଏସ୍ଆଇଆର ପ୍ରକ୍ରିୟାରେ କୌଣସି ତ୍ରୁଟି ନାହିଁ। ପ୍ରସ୍ତୁତ ହୋଇଥିବା ଭୋଟର ତାଲିକାରେ ତ୍ରୁଟି ନାହିଁ। କଂଗ୍ରେସର ଅଭିଯୋଗ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କଂଗ୍ରେସ ହତାଶାରୁ ଏଭଳି ଅଭିଯୋଗ ଆଣୁଛି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦୀର୍ଘ ବ୍ୟବଧାନ ପରେ ଭୋଟର ତାଲିକାର ସ୍ୱତନ୍ତ୍ର ପୁନଃସଂଶୋଧନ କରାଯାଉଛି। ଏହା ଡିଜିଟାଲ୍ ଓ ଘରକୁ ଘର ସତ୍ୟାପନ ପ୍ରକ୍ରିୟାରେ ହେଉଛି। ଇସିଆଇ ଅନୁସାରେ ଏସଆଇଆରର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକଙ୍କ ନାଁ ଭୋଟର ତାଲିକାରୁ ବାଦ୍ ନ ପଡ଼ିବା ଏବଂ ଅଯୋଗ୍ୟ ନାମ ସାମିଲ ନହେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କଂଗ୍ରେସ ନିଜ ସ୍ୱାର୍ଥ ପାଇଁ ନିର୍ବାଚନ କମିଶନଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି। ଏସଆଇଆରରେ ବହୁ ସଂଖ୍ୟକ ଭୋଟରଙ୍କ ନାଁ ବାଦ୍ ପଡ଼ିବାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରକ୍ରିୟାର ଏକ ଅଂଶ ବୋଲି କହିଛନ୍ତି। ଓଡ଼ିଶାରେ ଏସଆଇଆରର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦.୧୩ ଲକ୍ଷ ନାଁ ଡ୍ରାଫ୍ଟ ଭୋଟର ତାଲିକାରୁ ବାଦ୍ ପଡ଼ିଥିଲା। ଏଥିରେ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଏବଂ ଏକାଧିକ ସ୍ଥାନରେ ପଞ୍ଜୀକୃତ ଭୋଟର ଥିବା ନିର୍ବାଚନ ଅଧିକାରୀମାନେ କହିଥିଲେ। ଫର୍ମ-୬କୁ ନେଇ ମଧ ମୁଖ୍ୟମନ୍ତ୍ରୀ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନିର୍ବାଚନ କମିଶନ ମଧ ସେପ୍ଟେମ୍ବର ୨୪ରେ କହିଛନ୍ତି ଯେ ମୂଳ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବରଂ ଫର୍ମ-୬ ସରଳୀକରଣ ହୋଇଛି। ଫର୍ମ-୬ର ତଥ୍ୟ ଡିଜିଟାଇଜ ହୋଇପାରୁଛି। ଏଥିରେ ଭୋଟରଙ୍କ ପକ୍ଷରୁ କୌଣସି ଅଭିଯୋଗ ନାହିଁ। ଏସଆଇଆର ସମ୍ପର୍କିତ ଅତିରିକ୍ତ ଘୋଷଣା ପତ୍ରକୁ ଅଲଗା ଭାବେ ଯୋଡ଼ାଯାଇଛି। ନୂଆ ଭୋଟରଙ୍କ ପାଇଁ ଏସ୍ଆଇଆରରେ  କୌଣସି ଅସୁବିଧା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଏସ୍ଆଇଆରକୁ ନେଇ ଅଯଥା ଇସ୍ୟୁ କରାଯାଉଥିବା ଅଭିଯୋଗ କରି, ଦେଶରେ ଅରାଜକତା ସୃଷ୍ଟି ପାଇଁ କଂଗ୍ରେସ ଚକ୍ରାନ୍ତ କରୁଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି।

## ହୀରାକୁଦର ୨୮ ଗେଟ୍ ଖୋଲା

ଭୁବନେଶ୍ୱର,(ଜା.ପ୍ର): ଉପରମୁଣ୍ଡ ଛତିଶଗଡ଼ରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛିଫ ପରିସ୍ଥିତିକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଶନିବାର ର୍ଯ୍ୟାୟକ୍ରମେ ୨୦ଟି ସ୍ଲୁଇସ୍ ଗେଟ୍ ଖୋଲିଥିବା ବେଳେ ରବିବାର ପୁଣି ପର୍ଯ୍ୟାୟକ୍ରମେ ୮ଟି ଗେଟ ଖୋଲି ବନ୍ୟା ଜଳ ନିଷ୍କାସନ କାର୍ଯ୍ୟକୁ ଆହୁରି ତୀବ୍ର କରିଛନ୍ତି। ଖବର ଲେଖାସୁଦ୍ଧା ମୋଟ ୨୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏଥିମଧ୍ୟରୁ ବର୍ତ୍ତମାନ ବାମ ସ୍ପିଲ୍ ୱେରେ ୧୯ଟି ଗେଟ୍ ଏବଂ ଡାହାଣ ସ୍ପିଲ୍ ୱେରେ ୯ଟି ଗେଟ୍ ଖୋଲା ରହିଛି। ହୀରାକୁଦର ସର୍ବୋଚ୍ଚ ଜଳ ଧାରଣା କ୍ଷମତା ୬୩୦ ଫୁଟ୍ ରହିଥିବାବେଳେ ରବିବାର ସକାଳ ୧ଟା ସୁଦ୍ଧା ୬୨୮.୩୩ ଫୁଟ୍ ରହିଥିଲା। ଛତିଶଗଡ଼ ପାର୍ଶ୍ୱରୁ ଉପରମୁଣ୍ଡରୁ ୪,୯୫,୩୫୦ କ୍ୟୁସେକ୍ (ସେକେଣ୍ଡ ପ୍ରତି) ଜଳ ପ୍ରବେଶ କରୁଥିବାବେଳେ ୨୮ଟି ଗେଟ ଜରିଆରେ ୪,୪୪,୫୨୬ କ୍ୟୁସେକ୍ (ସେକେଣ୍ଡ ପ୍ରତି) ବନ୍ୟା ଜଳ ମହାନଦୀକୁ ନିଷ୍କାସନ କରାଯାଉଛି। ହୀରାକୁଦରୁ ବିପୁଳ ପରିମାଣରେ ଜଳ ଛଡାଯିବା ଫଳରେ ମହାନଦୀର ତଳମୁଣ୍ଡ ଅଞ୍ଚଳଗୁଡ଼ିକରେ ଜଳସ୍ତର ନିରନ୍ତର ବୃଦ୍ଧି ପାଇଛି। ଉପରମୁଣ୍ଡରେ ବର୍ଷା ଜାରି ରହିଥିବାରୁ ଜଳଭଣ୍ଡାରକୁ ଅଧିକ ବନ୍ୟାଜଳ ପ୍ରବେଶ କରିବାକୁ ଯାଉଛି। ତେଣୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ଆଗାମୀ ସମୟରେ ତଳମୁଣ୍ଡର ନଦୀ ଗୁଡିକରେ ବନ୍ୟାଜଳର ସ୍ଥିତି, ଉପରମୁଣ୍ଡର ବନ୍ୟା ଜଳ ପ୍ରବେଶର ପରିମାଣକୁ ଦେଖି ଗେଟ୍ ଖୋଲାଯିବ ନା ନାହିଁ ତାହା ନିଷ୍ପତ୍ତି ନିଆଯିବ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ହୀରାକୁଦ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ପ୍ରାୟ ସମସ୍ତ ଗଜିଂ ଷ୍ଟେସନରେ ଜଳସ୍ତର ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଦଳଗୁଡ଼ିକ ସତର୍କ ରହିଛନ୍ତି।

## ରାଧାକୃଷ୍ଣ ସେବା ସମିତି ଏବଂ ସାଗରୀକା ୱେଲଫେୟାର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ନର ସେବା ନାରାୟଣ ସେବା ତରଫରୁ ଦରିଦ୍ର ଲୋକଙ୍କୁ ବସ୍ତ୍ର ପ୍ରଦାନ

ଭୁବନେଶ୍ୱର,(ଜା.ପ୍ର):  ରାଉରକେଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନର ସେବା ନାରାୟଣ ସେବା ପରିବାର ତରଫରୁ ରାଧାକୃଷ୍ଣ ସେବା ସମିତି ଓ ସାଗରୀକା ୱେଲଫେୟାର ଟ୍ରଷ୍ଟ ର ମିଳିତ ସହଯୋଗରେ ସେକ୍ଟର - ୧୫ ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ପ୍ରାୟ ଦୁଇ ଶହ ତିରିଶି ଜଣ ଦରିଦ୍ର ଏବଂ ଅଭାବଗ୍ରସ୍ତ ଲୋକମାନଙ୍କୁ ନୂତନ ଶାଢ଼ୀ ଓ ନୂତନ ବସ୍ତ୍ର ବିତରଣ କରାଯାଇଥିଲା। ଏହି ଅବସରରେ ସାଗରୀକା ୱେଲଫେୟାର ଟ୍ରଷ୍ଟର ସଭାନେତ୍ରୀ ଜୟନ୍ତୀ ଦାସ, ମନ୍ଦିର ଅଧ୍ୟକ୍ଷ ହରିହର ରାଉତରାୟ, ଉପସଭାପତି ଦିଲିପ କୁମାର ସାହୁ, ସମ୍ପାଦକ ସୁଶାନ୍ତ ପ୍ରଧାନ, ପୀଠ ପରିଚାଳକ ଶ୍ରୀଯୁକ୍ତ ହେମନ୍ତ କୁମାର ବିଶ୍ୱାଳ, ପ୍ରଶାନ୍ତ ସାମଲ, ଗଙ୍ଗାଧର ନାୟକ, ଅଜୟ ବଳିୟାର ସିଂଙ୍କ ସହିତ ଟ୍ରଷ୍ଟ ର ସଦସ୍ୟା ଗୀତାଞ୍ଜଳୀ, କସ୍ତୁରୀ, ଟୁନି, ମିନି, ବିନି, ପରି, ସରସ୍ୱତୀ, ସରିତା,ପ୍ରେମଲତା, ସସ୍ମିତା ତଥା ନରସେବା ନାରାୟଣ ସେବାର ମୁଖ୍ୟ ଓମ ପ୍ରକାଶ ବାପୋଡିଆ, ଚନ୍ଦନ ଅଗ୍ରୱାଲ, ରମେଶ ଗୋପାଳବସିୟା, ସୁବାସ ଗୁପ୍ତା, ଶ୍ୟାମଲାଲ ଅଗ୍ରୱାଲ, ରାମ ପ୍ରକାଶ ଗର୍ଗ, ଅଶୋକ ପାନସାରୀ, ବସନ୍ତ ସାହୁ, ରାଜେଶ ଅଗ୍ରୱାଲ ଏବଂ କେ. କେ. ପୋଦ୍ଦାର ଇତ୍ୟାଦି



ସମାଜସେବୀମାନେ ଯୋଗଦାନ କରି ସମସ୍ତ ପ୍ରକ୍ରିୟାରେ ସହଯୋଗ କରିଥିଲେ କ୍ଷ ଏହି ଜନସେବା କାର୍ଯ୍ୟକ୍ରମକୁ ନରସେବା ନାରାୟଣ ସେବା ର ଅଧ୍ୟକ୍ଷ ତଥା ରାଉରକେଲାର ବିଶିଷ୍ଟ ସମାଜସେବୀ ଓମ ପ୍ରକାଶ ବାପୋଡିଆଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ମନ୍ଦିର କମିଟିର କାର୍ଯକାରୀ ସଭାପତି ତଥା ଟ୍ରଷ୍ଟର ସଭାନେତ୍ରୀ ଜୟନ୍ତୀ ଦାସ ଓ ଉପସଭାପତି ଦିଲିପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତି ଶୃଙ୍ଖଳିତ ଭାବେ ସମସ୍ତଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ସଦସ୍ୟଙ୍କ ନିଷ୍ଠା ଏବଂ କାର୍ଯ୍ୟ ଶୃଙ୍ଖଳାକୁ ଓମ ପ୍ରକାଶ ବାପୋଡିଆ ଏବଂ ତାଙ୍କ ଟିମ ଭୁରି ଭୁରି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଦିଲିପ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଜଳପାନ ଦ୍ୱାରା ଆପ୍ୟାୟିତ କରିଥିଲେ।

## ୯ କୋଟି ସରକାରୀ ଅର୍ଥ ଆତ୍ମସାତ, ବନ୍ଧା ହେଲେ ଆଉ ୪

ଭୁବନେଶ୍ୱର,(ଜା.ପ୍ର): ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭୁବନେଶ୍ୱରର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ରୋଡ୍ସ ଏଣ୍ଡ ବିଲ୍ଡିଂସ୍ ଡିଭିଜନ-୧ଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ବନଲତା ମହାନ୍ତି ଓ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଥିବା ବେଳେ ରବିବାର ଆଉ ୪ ଜଣଙ୍କୁ ଗିରଫ କରିଛି। ସେମାନେ ମଧ ସେହି କାର୍ଯ୍ୟାଳୟର କର୍ମଚାରୀ । ସେମାନେ ବନଲତା ମହାନ୍ତି ଓ ବିଭୁଦତ୍ତ ନାୟକଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ।  ଗିରଫ ଏହି ୪ ଅଭିଯୁକ୍ତ ହେଉଛନ୍ତି, ପିଅନ ଦୀପକ କୁମାର ରାଉତରାୟ ଓ ଲକ୍ଷ୍ମଣ ବିଶ୍ୱାଳ ଏବଂ ଡାଟାଏଣ୍ଟ୍ରୀ ଅପରେଟର ରାଜୀବ ଲୋଚନ ସେନାପତି ଓ ସୌମ୍ୟରଞ୍ଜନ ମହାପାତ୍ର।  ଏହି ଅଭିଯୁକ୍ତମାନେ ସେକ୍ସନ୍ ଅଫିସର୍ ବନଲତା ମହାନ୍ତି ଓ ଜୁନିଅର୍ ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକଙ୍କ ସହ ମିଳିତ ଭାବେ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ହେରଫେର ହୋଇଥିବା ସରକାରୀ ଅର୍ଥରୁ ବିପୁଳ ପରିମାଣର ଟଙ୍କା ସେମାନଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ଯାଇଥିବା ତଦନ୍ତରୁ ପ୍ରକାଶ ପାଇଛି। ପିଅନ ଦୀପକ କୁମାର ରାଉତରାୟଙ୍କ ବ୍ୟାଙ୍କ ଖାତାକୁ ୩୨ ଲକ୍ଷ ୪୭ ହଜାର ୮୦୦ ଟଙ୍କା ଯାଇଥିବା ବେଳେ ଲକ୍ଷ୍ମଣ ବିଶ୍ୱାଳଙ୍କ ଖାତାକୁ ଯାଇଛି ୧୬ ଲକ୍ଷ ୨୧ ହଜାର ୪୮୪ ଟଙ୍କା। ସେହିପରି ଡାଟାଏଣ୍ଟ୍ରୀ ଅପରେଟର ରାଜୀବ ଲୋଚନ ସେନାପତିଙ୍କ ବ୍ୟାଙ୍କ ଖାତାକୁ ୨୮ ଲକ୍ଷ ୨୮ ହଜାର ୮୧୭ ଟଙ୍କା ଯାଇଥିବା ବେଳେ ସୌମ୍ୟ ରଞ୍ଜନ ମହାପାତ୍ର ପାଇଥିଲେ ୩୫ ଲକ୍ଷ ୬୯ ହଜାର ୦୯୮ ଟଙ୍କା। ମାମଲାରେ ଅଧିକ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ସେମାନେ ୨୦୨୨-୨୩ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଅର୍ଥ ଆତ୍ମସାତ୍ ହୋଇଛି। ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରି ଜାଲି ମଞ୍ଜୁର ନିର୍ଦ୍ଦେଶ ଓ ବିଲ୍ ପ୍ରସ୍ତୁତ କରିଥିଲେ। ଏହି ବିଲ୍‌ଗୁଡ଼ିକ ଅବସରପ୍ରାପ୍ତ କର୍ମଚାରୀଙ୍କ ନାଁରେ ପ୍ରୋଭିଜନାଲ ଗ୍ରାଚୁଇଟି ଓ ଅବ୍ୟବହୃତ ଛୁଟି ବାବଦ ଦରମା ବାବଦରେ ଥିଲା। ସରକାରୀ ଅର୍ଥ ହଡ଼ପ କରିବା ପାଇଁ ଏହି ଜାଲ୍ ବିଲ୍‌ଗୁଡ଼ିକୁ ଆଇଏଫ୍ଏମ୍ଏସ ରେ ବେଆଇନ ଏବଂ ଅନଧିକୃତ ଭାବେ ପ୍ରକ୍ରିୟାକରଣ କରାଯାଇଥିଲା। ମୋଟ ୪୮ ଜଣ ବ୍ୟକ୍ତିଙ୍କର ୭୭ଟି ବ୍ୟାଙ୍କ ଏକାଉଣ୍ଟକୁ ଏହି ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ଟ୍ରାନ୍ସଫର ହୋଇଥିଲା। ତା' ମଧ୍ୟରେ ସେକ୍ସନ ଅଫିସର ବନଲତା ମହାନ୍ତିଙ୍କ ପୁଅ, ଡ୍ରାଇଭର ଏବଂ ସହଯୋଗୀମାନଙ୍କ ସହିତ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକଙ୍କ ଭାଇ ଓ ସମ୍ପର୍କୀୟମାନଙ୍କ ବ୍ୟାଙ୍କ ଆକାଉଣ୍ଟ ରହିଥିଲା।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ସାଂସାରିକ ମାଲିକାନାରୁ ଦିବ୍ୟ ଚକ୍ଷୁ

ବିଶାଳ ବସୁନ୍ଧରାର ବିସ୍ତୀର୍ଣ୍ଣ ପରିସର ମଧ୍ୟରେ ମଣିଷ ନିଜର ଅସ୍ତିତ୍ୱ ଓ ସୁବିଧା ପାଇଁ ଆବାସସ୍ଥଳୀ ନିର୍ମାଣ କରିଚାଲିଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ବାସଗୃହର ସ୍ୱରୂପ ଭିନ୍ନ ଭିନ୍ନ। ବିଶେଷ କରି କ୍ରମବର୍ଦ୍ଧିଷ୍ଣୁ ସହରଗୁଡ଼ିକରେ ବହୁମହଲା ବିଶିଷ୍ଟ ପ୍ରାସାଦମାନ ଛିଡ଼ା ହେଉଛି, ଯେଉଁଠି ତଳ ମହଲାରେ ରହୁଥିବା ଲୋକଙ୍କୁ 'ତଳବାଲା' ଏବଂ ଉପର ମହଲାରେ ରହୁଥିବା ଲୋକଙ୍କୁ 'ଉପରବାଲା' ଭାବେ ଅଭିହିତ କରାଯାଏ। ବ୍ୟାବହାରିକ ଜୀବନରେ ଏହି ଦୁଇଟି ଶବ୍ଦ କେବଳ ଭୌତିକ ସ୍ୱତ୍ୱାଧିକାର କିମ୍ବା ବାସସ୍ଥାନର ମାଲିକାନାକୁ ଦର୍ଶାଇଥାଏ। ଉଭୟ ତଳବାଲା ଓ ଉପରବାଲା ନିଜ ନିଜ ଅଧିକୃତ କ୍ଷେତ୍ରରେ ମାଲିକାନା ଜାହିର କରନ୍ତି। ମାତ୍ର ଏହି ଦୁଇଟି ଶବ୍ଦର ଗଭୀର ଆଧ୍ୟାତ୍ମିକ ଓ ଦାର୍ଶନିକ ଭାବାର୍ଥକୁ ପ୍ରଣିଧାନ କଲେ ଏକ ସୂକ୍ଷ୍ମ ରହସ୍ୟ ଉନ୍ମୋଚିତ ହୋଇଥାଏ। ଭୌତିକ ଜଗତର ତଳବାଲାର ପ୍ରଭାବ କେବଳ ଏକ ନିର୍ଦ୍ଦିଷ୍ଟ ଓ ସୀମିତ ପରିସର ମଧ୍ୟରେ ଆବଦ୍ଧ। ଅପରପକ୍ଷରେ 'ଉପରବାଲା' ଶବ୍ଦଟି ଯେତେବେଳେ ସାଂସାରିକ ସୀମା ଡେଇଁ ଅଲୌକିକ ସତ୍ତା ନିକଟରେ ପହଞ୍ଚିଯାଏ, ସେତେବେଳେ ତାହା ଏକ, ଅଭିନ୍ନ, ସର୍ବବ୍ୟାପୀ, ସର୍ବଶକ୍ତିମାନ ଏବଂ ସର୍ବଦ୍ରଷ୍ଟା ବିଶ୍ୱନିୟନ୍ତାଙ୍କ ପ୍ରତୀକ ପାଲଟିଯାଏ, ଯାହାର ପ୍ରଭାବ ସୀମାହୀନ ଓ ଅସୀମ।

ସୃଷ୍ଟିକର୍ତ୍ତା ମାନବ ଜାତିକୁ ଦୁଇଟି ନୟନ ପ୍ରଦାନ କରିଛନ୍ତି, ମାତ୍ର ଏହି ଦୃଷ୍ଟିଶକ୍ତିର ବ୍ୟବହାର ସବୁ ମଣିଷଙ୍କ ପାଇଁ ସମାନ ନୁହେଁ। କିଏ ଏହି ଆଖିରେ ସୃଷ୍ଟିର ପ୍ରତ୍ୟେକ ରୂପ ଓ ସତ୍ୟକୁ ପ୍ରତ୍ୟକ୍ଷ କରୁଛି ତ ଆଉ କାହାର ଦୃଷ୍ଟିଶକ୍ତି ନଥାଇ ସେ ଅନ୍ଧ ଭାବେ ବିବେଚିତ ହେଉଛି। ତେବେ ଏହି ବାହ୍ୟ ଅନ୍ଧତ୍ୱ ଅପେକ୍ଷା ଆଉ ଏକ ପ୍ରକାରର ମାନସିକ ଅନ୍ଧତ୍ୱ ସମାଜରେ ଅଧିକ ବିପଜ୍ଜନକ, ଯେଉଁଠି ମଣିଷ ସବୁକିଛି ଦେଖିପାରୁଥିଲେ ମଧ୍ୟ ସ୍ୱାର୍ଥ, ଅହଂକାର ଓ ଅଜ୍ଞାନତା ବଶତଃ ସବୁକିଛିକୁ ଅଣଦେଖା କରିଚାଲେ। ଧରାପୃଷ୍ଠରେ ଜନ୍ମନେଇଥିବା ପ୍ରତ୍ୟେକ ପ୍ରାଣୀ ନିଜ ନିଜର କର୍ମାଧିକାର ସାବ୍ୟସ୍ତ କରିଚାଲିଛନ୍ତି। ମାନବିକ କର୍ମର ମୁଖ୍ୟତଃ ଦୁଇଟି ଦିଗ ରହିଛି, ଗୋଟିଏ ସତ୍କର୍ମ ଓ ଅନ୍ୟଟି ଅସତ୍କର୍ମ। ଭଲ କର୍ମ କରିବା ଦ୍ୱାରା ପ୍ରଶଂସା ଓ ସମ୍ମାନ ମିଳିଥାଏ, ଯାହା ମଣିଷକୁ ଉତ୍ସାହିତ କରେ। ଅପରପକ୍ଷରେ ମନ୍ଦ କର୍ମ ପାଇଁ ନିନ୍ଦା ଓ ତିରସ୍କାର ମିଳିଥାଏ। ତଥାପି ସମଗ୍ର ସୃଷ୍ଟିରେ ଏକ ମହାନ ଓ ସାଶ୍ୱତ ସତ୍ୟ ଗୁପ୍ତ ହୋଇ ରହିଛି, ଯାହା ପ୍ରତ୍ୟେକ ବ୍ୟକ୍ତିର ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଏକ ଆଧ୍ୟାତ୍ମିକ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରେ। ସେହି ରହସ୍ୟମୟ ସତ୍ୟଟି ହେଉଛି ଜଗତର ଅଦୃଶ୍ୟ ଶକ୍ତି। ଅନେକ ସମୟରେ ମଣିଷ ସବୁକିଛି ଜାଣି ମଧ୍ୟ ଅଜଣା ହୋଇଯାଏ ଏବଂ ବୁଝି ମଧ୍ୟ ଅବୁଝା ହେବାର ଛଳନା କରେ। ଲୁକ୍କାୟିତ ଭାବେ ବିଦ୍ୟମାନ ଥିବା ଏହି ଦିବ୍ୟ ଶକ୍ତିର ପରିସର ଅତ୍ୟନ୍ତ ସୁବିସ୍ତୃତ ଓ ସର୍ବବ୍ୟାପୀ। ସେହି ଅଦୃଶ୍ୟ 'ଉପରବାଲା' ସବୁ ସମୟରେ, ସବୁ ସ୍ଥାନରେ ଥାଇ ଧର୍ମ, ଅଧର୍ମ, ନ୍ୟାୟ, ଅନ୍ୟାୟ, ସତ୍ୟ ଓ ଅସତ୍ୟର ନିରପେକ୍ଷ ତର୍ଜମା କରିଚାଲିଛନ୍ତି।

ମଣିଷ ଯେତେବେଳେ ଲୋକଲୋଚନର ଆଢୁଆଳରେ କିମ୍ବା ଜନଶୂନ୍ୟ ସ୍ଥାନରେ କୌଣସି ଅସତ୍ କାର୍ଯ୍ୟରେ ଲିପ୍ତ ରହେ, ସେତେବେଳେ ସେ ମନେ ମନେ ଭାବିନିଏ ଯେ ତାହାର ଏହି କୃତକର୍ମକୁ କେହି ଦେଖୁନାହାନ୍ତି। ଏହି ମିଥ୍ୟା ଧାରଣା ଦ୍ୱାରା ସେ ସାହସୀ ହୋଇ ବିନା ଦ୍ୱିଧାରେ ଗୋଟିଏ ପରେ ଗୋଟିଏ ଅପରାଧ କିମ୍ବା ପାପକର୍ମ କରିଚାଲେ। ମାତ୍ର ସେ ଏହା ଭୁଲିଯାଏ ଯେ, ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ପ୍ରଦତ୍ତ ଆମର ଏହି ଦୁଇଟି ଚକ୍ଷୁର ଦୃଷ୍ଟିସୀମା ଅତି ସଂକୀର୍ଣ୍ଣ। ସାଧାରଣ ସାମାଜିକ ଜୀବନରେ କାହାର ମନ୍ଦ କାର୍ଯ୍ୟ ବିରୋଧରେ କେହି ଜଣେ ସଜ୍ଜନ ଉପଦେଶ ଦେଲେ କିମ୍ବା ନିଜର ମତବ୍ୟକ୍ତ କଲେ, ଅଧର୍ମାଚାରୀ ବ୍ୟକ୍ତି ତାହାକୁ ନିରର୍ଥକ ଓ ମୂଲ୍ୟହୀନ ଭାବି ପ୍ରତ୍ୟାଖ୍ୟାନ କରିଦିଏ। ଏଭଳି ପରିସ୍ଥିତିରେ ବିଜ୍ଞ ଲୋକମାନେ ଦିବ୍ୟ ଭାବନାର ବଶବର୍ତ୍ତୀ ହୋଇ କହିଥାନ୍ତି, 'ସବୁ ଦେଖୁଛି ଉପରବାଲା, ଯାହାର ଦୃଷ୍ଟିସୀମା ସମଗ୍ର ଜଗତରେ ପରିବ୍ୟାପ୍ତ'।

ବାସ୍ତବରେ, ଯେତେବେଳେ ମର୍ତ୍ତ୍ୟର ତଳବାଲା ଅର୍ଥାତ୍ ମଣିଷର ପ୍ରତ୍ୟେକ କାର୍ଯ୍ୟ, ଚିନ୍ତା ଓ ଭାବନା ଉପରବାଲାଙ୍କ ଦୃଷ୍ଟିରେ ସମ୍ପୂର୍ଣ୍ଣ ସ୍ୱଷ୍ଟ ଓ ଦୃଶ୍ୟମାନ, ସେତେବେଳେ ସେହି ଉପରବାଲାଙ୍କର ଚକ୍ଷୁ ତଳବାଲା ପାଇଁ ସମ୍ପୂର୍ଣ୍ଣ ଅଦୃଶ୍ୟ। ସେହି ବିଶ୍ୱନିୟନ୍ତା ହିଁ ସର୍ବୋପରି ଏବଂ ସମସ୍ତ ସୃଷ୍ଟିର ମୂଳ ଆଧାର। ଯଦି ଆମେ ଆମର ବାହ୍ୟ ଆଖି ଦୁଇଟିକୁ ବନ୍ଦ କରିଦେବା, ତେବେ ଚାରିଆଡ଼େ କେବଳ ଘନ ଅନ୍ଧକାର ଛାଇଯାଏ, ଏବଂ ଆଖି ଖୋଲିଦେଲେ ଆଲୋକର ସତ୍ତା ଅନୁଭୂତ ହୁଏ। କିନ୍ତୁ ସାଂସାରିକ ଆଲୋକ ମଧ୍ୟରେ ସେହି ଅଦୃଶ୍ୟ ଉପରବାଲାଙ୍କ ଅଦେଖା ଆଖିକୁ ବାହ୍ୟ ଚକ୍ଷୁରେ ଦେଖିବା କଦାପି ସମ୍ଭବ ନୁହେଁ। ଯେତେବେଳେ ଜଣେ ସାଧକ କିମ୍ବା ଜ୍ଞାନୀ ବ୍ୟକ୍ତି ବାହ୍ୟ ଜଗତରୁ ଦୃଷ୍ଟି ଫେରାଇ, ନିଜର ବାହ୍ୟ ଆଖି ବନ୍ଦ କରି ଅନ୍ତରର ଘନ ଅନ୍ଧକାର ମଧ୍ୟରେ ଦିବ୍ୟ ଆଲୋକକୁ ଅନୁଭବ କରେ, ସେତେବେଳେ ହିଁ ସେହି ଉପରବାଲାଙ୍କ ଅଦୃଶ୍ୟ ନୟନ ଓ ଅସୀମ କରୁଣାର ସନ୍ଧାନ ପାଇବା ସମ୍ଭବ ହୋଇଥାଏ।

# ମହାକାଶରେ ଅସ୍ତ୍ର ପ୍ରତିଯୋଗିତା: ମାନବ ସଭ୍ୟତା ପ୍ରତି ବିରାଟ ସଙ୍କଟ

ବିଜୟ କୁମାର ପଣ୍ଡା

ମାନବ ସଭ୍ୟତାର ଇତିହାସରେ ଅକ୍ଟୋବର ୪, ୧୯୫୭ ଏକ ସ୍ମରଣୀୟ ଦିବସ। ଏହି ଦିନ ସୋଭିଏଟ୍ ୟୁନିୟନ ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ୍-୧ କୁ ପୃଥିବୀର କକ୍ଷପଥକୁ ଉତ୍କ୍ଷେପଣ କରି ମହାକାଶ ଯୁଗର ଶୁଭାରମ୍ଭ କରିଥିଲା। ଏହା ପରେ ଶୀତଳ ଯୁଦ୍ଧ ସମୟରେ ଆମେରିକା ଏବଂ ସୋଭିଏଟ୍ ୟୁନିୟନ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରତିଯୋଗିତା କ୍ରମଶଃ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ରାଷ୍ଟ୍ରଗୁଡ଼ିକୁ ମହାକାଶ ଗବେଷଣା ଆଡ଼କୁ ଆକର୍ଷିତ କରିଥିଲା। ଚାଇନା, ଭାରତ ଏବଂ କେତେକ ୟୁରୋପୀୟ ଦେଶର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଆଜି ମହାକାଶ ବିଜ୍ଞାନ ଅଭୂତପୂର୍ବ ସଫଳତା ହାସଲ କରିପାରିଛି। ଚନ୍ଦ୍ର ପୃଷ୍ଠରେ ମଣିଷର ପାଦଥାପିବା, ମହାକାଶରେ ସ୍ଥାୟୀ ଷ୍ଟେଶନ ପ୍ରତିଷ୍ଠା, ସୂର୍ଯ୍ୟ, ମଙ୍ଗଳ ଏବଂ ସୁଦୂର ଗ୍ରହଗୁଡ଼ିକୁ ଅଭିଯାନ ପ୍ରେରଣ ଆଜି ସମ୍ଭବ ହୋଇପାରିଛି। ବର୍ତ୍ତମାନ ପୃଥିବୀ କକ୍ଷପଥରେ ଅସଂଖ୍ୟ କୃତ୍ରିମ ଉପଗ୍ରହ ନିୟୋଜିତ ହୋଇ ମାନବ ସମାଜର ବିଭିନ୍ନ କଲ୍ୟାଣକର କାର୍ଯ୍ୟରେ ସହାୟକ ହେଉଛନ୍ତି।

ସାଧାରଣତଃ କୃତ୍ରିମ ଉପଗ୍ରହଗୁଡ଼ିକ ଉଭୟ ବେସାମରିକ ଓ ସାମରିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ପୃଥିବୀ କକ୍ଷପଥରେ ଥାଇ ଏହି ଉପଗ୍ରହଗୁଡ଼ିକ ସୌରଶକ୍ତି ଏବଂ ବେତାର ତରଙ୍ଗ ବ୍ୟବହାର କରି ଭୂପୃଷ୍ଠର ବିବିଧ ତଥ୍ୟ ସଂଗ୍ରହ ଓ ପ୍ରେରଣ କରିବା, ନଦୀ, ସମୁଦ୍ର, ପାଣିପାଗ ଏବଂ ଭୂଗୋଳର ଚିତ୍ର ଉତ୍ତୋଳନ କରିବା ସହ ସ୍ଥଳ, ଜଳ ଓ ଆକାଶପଥରେ ଯାନବାହନ ଚଳାଚଳକୁ ଦିଗଦର୍ଶନ ଦେଇଥାନ୍ତି। ଅପରପକ୍ଷରେ ସାମରିକ କୃତ୍ରିମ ଉପଗ୍ରହଗୁଡ଼ିକ ବିଶେଷ ଭାବେ ଶତ୍ରୁପକ୍ଷର ସମ୍ବେଦନଶୀଳ ସାମରିକ ଘାଟି ଏବଂ ସୈନ୍ୟ ପରିଚାଳନା ଉପରେ କଠୋର ନଜର ରଖିଥାନ୍ତି। ଏଗୁଡ଼ିକ ଆବଶ୍ୟକ ସମୟରେ ଶତ୍ରୁର ଯୋଗାଯୋଗ ବ୍ୟବସ୍ଥାକୁ ଅଚଳ କରିବାର ସାମର୍ଥ୍ୟ ରଖନ୍ତି।

ମହାକାଶକୁ ଯୁଦ୍ଧକ୍ଷେତ୍ରରେ ପରିଣତ ହେବାରୁ ରୋକିବା ପାଇଁ ୧୯୬୭ ମସିହାରେ ଜାତିସଂଘ ଆନୁକୂଲ୍ୟରେ ଏକ ଆନ୍ତର୍ଜାତୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁସାରେ ମହାକାଶରେ କୌଣସି ପ୍ରକାର ପରମାଣୁ ବୋମା କିମ୍ବା ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ସ୍ଥାପନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ତେଣୁ କେବଳ ଶତ୍ରୁଦେଶର ସାମରିକ କାର୍ଯ୍ୟକଳାପ ଉପରେ ନଜର ରଖିବା ଏହି ଉପଗ୍ରହଗୁଡ଼ିକର ଆଇନଗତ ମୁଖ୍ୟ କାର୍ଯ୍ୟ ଭାବେ ଗୃହୀତ ହୋଇଆସୁଥିଲା।

ତେବେ ୨୦୨୬ ସେପ୍ଟେମ୍ବର ୧୬ ତାରିଖରେ ମେରିଲ୍ୟାଣ୍ଡଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଆମେରିକାର ବାୟୁସେନା ସେକ୍ରେଟାରୀ ଟ୍ରୋରୀ ମେଇ ଏକ ସାଂଘାତିକ ଘୋଷଣା କରିଛନ୍ତି। ଆମେରିକା ମହାକାଶକୁ କେତେକ ଅସ୍ତ୍ରଶସ୍ତ୍ରବାହୀ କୃତ୍ରିମ ଉପଗ୍ରହ ପ୍ରେରଣ କରିଥିବା ସେ ସ୍ୱୀକାର କରିଛନ୍ତି। ଏହି ପ୍ରକାଶନ ସାରା ବିଶ୍ୱରେ ଏକ ବିଶାଳ ବିବାଦ ଓ ଭୟର ବାତାବରଣ ସୃଷ୍ଟି କରିଛି। କାରଣ ରୁଷିଆ, ଚାଇନା ଏବଂ ଭାରତ ଭଳି ରାଷ୍ଟ୍ରଗୁଡ଼ିକ ନିକଟରେ ମଧ୍ୟ ସଦୃଶ ସାମର୍ଥ୍ୟ ରହିଛି। ଯଦି ଅନ୍ୟ ଦେଶଗୁଡ଼ିକ ଆମେରିକାର ଏହି ମାର୍ଗ ଅନୁସରଣ କରନ୍ତି, ତେବେ ଶାନ୍ତ ମହାକାଶ ଅତିଶୀଘ୍ର ଏକ ନୂତନ ଏବଂ ଭୟଙ୍କର ରଣାଙ୍ଗନରେ ପରିଣତ ହେବାର ଆଶଙ୍କା ଦେଖାଦେଇଛି।

ଆମେରିକା ମହାକାଶରେ କି ପ୍ରକାରର ଏବଂ କେତେ ପରିମାଣର ଅସ୍ତ୍ର ସ୍ଥାପନ କରିଛି, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇନାହିଁ। ବିଶେଷଜ୍ଞମାନଙ୍କ ମତରେ ଏଗୁଡ଼ିକ ସଙ୍କେତ ଅବରୋଧକ ବ୍ୟବସ୍ଥା ହୋଇପାରେ, ଯାହା ଶତ୍ରୁପକ୍ଷର ବେତାର ସଙ୍କେତକୁ ସମ୍ପୂର୍ଣ୍ଣ ଠପ୍ କରି ସେମାନଙ୍କ ଯୋଗାଯୋଗ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବ। ଅନ୍ୟ କେତେକ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଏଥିରେ ଗତିଜ ଅସ୍ତ୍ର ମଧ୍ୟ ଥାଇପାରେ, ଯାହା ସିଧାସଳଖ ଶତ୍ରୁର ଉପଗ୍ରହକୁ ଧକ୍କା ଦେଇ ଧ୍ୱଂସ କରିପାରିବ। ଯଦି ଏପରି ହୁଏ, ତେବେ ତାହା ଅଧିକ ବିପଜ୍ଜନକ ହେବ। କାରଣ ଧ୍ୱଂସପ୍ରାପ୍ତ ଉପଗ୍ରହର ଭଗ୍ନାବଶେଷଗୁଡ଼ିକ ମହାକାଶରେ ଦ୍ରୁତ ବେଗରେ ଘୂରି ବୁଲିବେ ଏବଂ ଅନ୍ୟାନ୍ୟ ନିରୀହ ବେସାମରିକ ଉପଗ୍ରହ ଓ ମହାକାଶଯାନ ସହ ଧକ୍କା ହୋଇ କଳ୍ପନାତୀତ କ୍ଷତି ସାଧନ କରିବେ।

ଗବେଷଣା ସଂସ୍ଥାର ନିର୍ଦ୍ଦେଶିକା ଭିକ୍ଟୋରିଆ ସାମସନଙ୍କ ଅନୁସାରେ, ଆମେରିକା ୨୦୨୫ ସୁଦ୍ଧା ଏପରି ଗୋଟିଏ ବ୍ୟବସ୍ଥା ସ୍ଥାପନ କରିସାରିଥିଲା ଏବଂ ବର୍ତ୍ତମାନ ଆଉ ଗୋଟିଏ ନୂତନ ବ୍ୟବସ୍ଥା ସ୍ଥାପନ କରିଛି। କେବଳ ସଙ୍କେତ ଅବରୋଧକ ହୋଇଥିଲେ ସୁଦ୍ଧା ଏହାର ବିପଦ କମ୍ ନୁହେଁ। ବିନା ବିସ୍ଫୋରଣରେ ଏହା ପୃଥିବୀର ଦୈନନ୍ଦିନ ଜୀବନଯାତ୍ରାକୁ ଅଚଳ କରିଦେଇପାରେ। ବର୍ତ୍ତମାନ ବିଶ୍ୱର କୋଟି କୋଟି ଲୋକଙ୍କ ଆନ୍ତଃଯୋଗାଯୋଗ, ଯାନବାହନ ଚଳାଚଳ ପାଇଁ ପଥପ୍ରଦର୍ଶନ, ଜଳବାୟୁ ଓ ବାତ୍ୟା ସମ୍ପର୍କିତ ପୂର୍ବାନୁମାନ ଆଦି ସମ୍ପୂର୍ଣ୍ଣ ଭାବେ କୃତ୍ରିମ ଉପଗ୍ରହ ଉପରେ ନିର୍ଭରଶୀଳ। ଏହି ବ୍ୟବସ୍ଥା ଅଚଳ ହେଲେ ସମଗ୍ର ମାନବ ସମାଜ ମହାବିପଦର ସମ୍ମୁଖୀନ ହେବ।

ବିଜ୍ଞାନାନୁସାରେ ମହାକାଶର ସାମରିକ ବ୍ୟବହାରକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଉଛି ଭୂପୃଷ୍ଠରୁ ମହାକାଶକୁ ଅସ୍ତ୍ର ନିକ୍ଷେପ। ଏଥିରେ ପୃଥିବୀରୁ କ୍ଷେପଣାସ୍ତ୍ର ମାରି ମହାକାଶର ଉପଗ୍ରହକୁ ଧ୍ୱଂସ କରାଯାଏ କିମ୍ବା ସଙ୍କେତ ଅବରୋଧ କରାଯାଏ। ଆମେରିକା, ରୁଷିଆ, ଚାଇନା ଏବଂ ଭାରତ ଭଳି ଦେଶଗୁଡ଼ିକ ନିକଟରେ ଏହି ସାମର୍ଥ୍ୟ ରହିଛି। ଦ୍ୱିତୀୟଟି ହେଉଛି ମହାକାଶରୁ ମହାକାଶକୁ ଆକ୍ରମଣ। ଏଥିରେ ମହାକାଶରେ ଥିବା ଗୋଟିଏ ଉପଗ୍ରହ ମାଧ୍ୟମରେ ଅନ୍ୟ ଏକ ଉପଗ୍ରହକୁ ଧକ୍କା ଦେଇ କିମ୍ବା ସଙ୍କେତ ଅବରୋଧ କରି ଧ୍ୱଂସ କରାଯାଏ। ଶୀତଳ ଯୁଦ୍ଧ ସମୟରେ ସୋଭିଏଟ୍ ୟୁନିୟନ ଏପରି ପରୀକ୍ଷା କରିଥିବା କୁହାଯାଏ। ତୃତୀୟ ଏବଂ ସବୁଠାରୁ ଭୟାନକ ଶ୍ରେଣୀଟି ହେଉଛି ମହାକାଶରୁ ଭୂପୃଷ୍ଠକୁ ଆକ୍ରମଣ। ଏଥିରେ ମହାକାଶସ୍ଥିତ ଅସ୍ତ୍ରଶସ୍ତ୍ର ବାୟୁମଣ୍ଡଳକୁ ପ୍ରବେଶ କରି ଭୂପୃଷ୍ଠରେ ଥିବା ଶତ୍ରୁର ରାଡାର, କ୍ଷେପଣାସ୍ତ୍ର ଘାଟି, ଯୁଦ୍ଧବିମାନ, ବିମାନଘାଟି ଓ ଯୁଦ୍ଧପୋତଗୁଡ଼ିକୁ ସମ୍ପୂର୍ଣ୍ଣ ବିନାଶ କରିପାରେ।

ଯଦିଓ ଦ୍ୱିତୀୟ ଓ ତୃତୀୟ ପ୍ରକାରର ସାମର୍ଥ୍ୟ ଅତି ସୀମିତ ଦେଶ ନିକଟରେ ଅଛି, ଆମେରିକାର ଦାବି ଅନୁସାରେ ଚାଇନା ଏବଂ ରୁଷିଆ ବହୁ ପୂର୍ବରୁ ଏହି ପ୍ରଯୁକ୍ତିବିଦ୍ୟା ବିକଶିତ କରିସାରିଛନ୍ତି। ଏହାର ପ୍ରତିରୋଧ ପାଇଁ ଆମେରିକା ଏହି ପଦକ୍ଷେପ ନେଇଥିବା ଦର୍ଶାଇଛି। ତେବେ ଆମେରିକାର ଏହି ଅଭିଯୋଗର କୌଣସି ପ୍ରତ୍ୟକ୍ଷ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ। ମହାକାଶକୁ ଶାନ୍ତିପୂର୍ଣ୍ଣ ଗବେଷଣା ପାଇଁ ବ୍ୟବହାର କରିବା ପରିବର୍ତ୍ତେ ଏହାର ସାମରିକୀକରଣ କରିବା ସମଗ୍ର ମାନବଜାତିର ଭବିଷ୍ୟତ ପ୍ରତି ଏକ ବିରାଟ ଆହ୍ୱାନ ଓ ସଙ୍କଟ ସୃଷ୍ଟି କରୁଛି।

ମହାକାଶର ଏହି ଅନାବଶ୍ୟକ ଓ ସଂଘାତିକ ସାମରିକୀକରଣ କେବଳ ଦୁଇ-ତିନୋଟି ଶକ୍ତିଶାଳୀ ରାଷ୍ଟ୍ରର ସାମରିକ ଆଧିପତ୍ୟ ପାଇଁ ସୀମିତ ହୋଇ ରହିନାହିଁ, ବରଂ ଏହା ବିଶ୍ୱର ପ୍ରତ୍ୟେକଟି ସାଧାରଣ ନାଗରିକର ଜୀବନଧାରାକୁ ଗୁରୁତର ଭାବେ ବିପନ୍ନ କରୁଛି। ଆଜିର ସାମ୍ପ୍ରତିକ ଡିଜିଟାଲ ଯୁଗରେ ମାନବ ସଭ୍ୟତା ସମ୍ପୂର୍ଣ୍ଣ ଭାବେ ମହାକାଶ ବିଜ୍ଞାନ ଓ କୃତ୍ରିମ ଉପଗ୍ରହଗୁଡ଼ିକ ଉପରେ ନିର୍ଭରଶୀଳ। ଆମର ଦୈନନ୍ଦିନ ବ୍ୟାଙ୍କିଙ୍ଗ୍ ସେବା, ଆର୍ଥିକ କାରବାର, ମୋବାଇଲ ଓ ଇଣ୍ଟରନେଟ୍ ଯୋଗାଯୋଗ, ବିମାନ ଓ ସମୁଦ୍ର ଯାତ୍ରାର ଦିଗଦର୍ଶନ ଏବଂ କୃଷିରୁ ଆରମ୍ଭ କରି ଜଳବାୟୁ ପୂର୍ବାନୁମାନ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ର ଉପଗ୍ରହର ନିରବଚ୍ଛିନ୍ନ ସଙ୍କେତ ଉପରେ ପର୍ଯ୍ୟବସିତ।

ଯଦି ମହାକାଶରେ ପ୍ରତିଯୋଗିତାମୂଳକ ଭାବେ ଶତ୍ରୁ ରାଷ୍ଟ୍ରର ଉପଗ୍ରହଗୁଡ଼ିକୁ ଅଚଳ କରିବା ପାଇଁ ସଙ୍କେତ ଅବରୋଧକ ଅସ୍ତ୍ର କିମ୍ବା ଗତିଜ କ୍ଷେପଣାସ୍ତ୍ର ବ୍ୟବହାର କରାଯାଏ, ତେବେ ତାହାର ପରିଣାମ ଭୂପୃଷ୍ଠରେ ଅତ୍ୟନ୍ତ ଭୟାବହ ହେବ। ମାତ୍ର କେତେକ ମିନିଟ୍ ମଧ୍ୟରେ ବିଶ୍ୱର ବିଦ୍ୟୁତ୍ ଗ୍ରିଡ୍ ଅଚଳ ହୋଇପାରେ, ବ୍ୟାଙ୍କିଙ୍ଗ୍ ସେବା ଠପ୍ ହୋଇ ଜାଗତିକ ଅର୍ଥନୀତି ଭୁଶୁଡ଼ି ପଡ଼ିପାରେ ଏବଂ ଜରୁରୀକାଳୀନ ସ୍ୱାସ୍ଥ୍ୟ ଓ ସୁରକ୍ଷା ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପାରେ। ଅନ୍ୟପକ୍ଷରେ, ମହାକାଶରେ ଅସ୍ତ୍ରଶସ୍ତ୍ରର ଆକ୍ରମଣ ଫଳରେ ସୃଷ୍ଟି ହେଉଥିବା ଲକ୍ଷ ଲକ୍ଷ ସୂକ୍ଷ୍ମ ଧାତବ ଭଗ୍ନାବଶେଷ କକ୍ଷପଥରେ ଅତ୍ୟନ୍ତ ଦ୍ରୁତ ବେଗରେ ଘୂରି ବୁଲିବେ। ଏହି ଆବର୍ଜନାଗୁଡ଼ିକ ଅନ୍ୟ ସମସ୍ତ ବେସାମରିକ ଉପଗ୍ରହ ଓ ଆନ୍ତର୍ଜାତୀୟ ମହାକାଶ ଷ୍ଟେଶନ ପାଇଁ ଏକ ନିରନ୍ତର ବିପଦ ହୋଇ ରହିବ, ଯାହାକୁ ବିଜ୍ଞାନ ଭାଷାରେ ମହାକାଶ ଆବର୍ଜନା ସଙ୍କଟ କୁହାଯାଏ।

ଇତିହାସ ସାକ୍ଷୀ ଅଛି ଯେ, ଅସ୍ତ୍ରଶସ୍ତ୍ରର ନିୟନ୍ତ୍ରଣହୀନ ପ୍ରତିଯୋଗିତା କେବେ ହେଲେ କୌଣସି ଦେଶ ପାଇଁ ସ୍ଥାୟୀ ସୁରକ୍ଷା ଆଣିଦେଇନାହିଁ। ଶୀତଳ ଯୁଦ୍ଧ ସମୟରେ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଯେପରି ପୃଥିବୀକୁ ବିନାଶର ମୁହାଁଣକୁ ନେଇଯାଇଥିଲା, ବର୍ତ୍ତମାନର ମହାକାଶ ଅସ୍ତ୍ର ପ୍ରତିଯୋଗିତା ସେହିପରି ଆଉ ଏକ ନୂତନ ମହାବିପତ୍ତିକୁ ନିମନ୍ତ୍ରଣ କରୁଛି। ଆମେରିକାର ଏହି ନୂତନ ପଦକ୍ଷେପ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରମାନଙ୍କୁ ମଧ୍ୟ ମହାକାଶରେ ନିଜର ଆକ୍ରମଣାତ୍ମକ ସାମରିକ ପ୍ରଯୁକ୍ତିବିଦ୍ୟା ମୋତୟନ କରିବାକୁ ବାଧ୍ୟ କରିବ। ଫଳରେ ଯେଉଁ ମହାକାଶ ମାନବଜାତିର ଜ୍ଞାନ ଆହରଣ, ଶାନ୍ତିପୂର୍ଣ୍ଣ ଗବେଷଣା, ଏବଂ ପ୍ରଗତିର ନୂତନ ଦିଗନ୍ତ ଖୋଲିବାର ମାଧ୍ୟମ ହେବା କଥା, ତାହା କେବଳ ଆଶଙ୍କା, ଭୟ ଏବଂ ବିନାଶର ରଣାଙ୍ଗନରେ ପରିଣତ ହେବ।

ଏହି ସଙ୍କଟମୟ ପରିସ୍ଥିତିରେ ଆନ୍ତର୍ଜାତୀୟ ସମୁଦାୟ ଏବଂ ଜାତିସଂଘର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୬୭ ମସିହାର ମହାକାଶ ଚୁକ୍ତିକୁ ବର୍ତ୍ତମାନର ଆଧୁନିକ ସାମରିକ ପ୍ରଯୁକ୍ତିବିଦ୍ୟା ଅନୁସାରେ ପୁନଃସଂଶୋଧନ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। କେବଳ ଗଣବିଧ୍ୱଂସୀ କିମ୍ବା ପରମାଣୁ ଅସ୍ତ୍ର ନୁହେଁ, ବରଂ ଯେକୌଣସି ପ୍ରକାରର ସଙ୍କେତ ଅବରୋଧକ, ଗତିଜ ଅସ୍ତ୍ର, ଏବଂ ଉପଗ୍ରହ-ବିରୋଧୀ ପ୍ରଯୁକ୍ତିବିଦ୍ୟାର ମହାକାଶ ମୋତୟନକୁ ସମ୍ପୂର୍ଣ୍ଣ ଆଇନଗତ ନିଷିଦ୍ଧ କରାଯିବା ଆବଶ୍ୟକ। ବିଶ୍ୱର ପ୍ରମୁଖ ସାମରିକ ଶକ୍ତିଗୁଡ଼ିକ ନିଜର ସଂକୀର୍ଣ୍ଣ ଜାତୀୟ ସ୍ୱାର୍ଥ ଓ ସାମରିକ ଆଧିପତ୍ୟର ମନୋଭାବରୁ ଊର୍ଦ୍ଧ୍ୱକୁ ଉଠି ମହାକାଶକୁ ସମସ୍ତ ମାନବଜାତିର ସାଧାରଣ ସମ୍ପତ୍ତି ଭାବେ ଗ୍ରହଣ କରିବା ଉଚିତ୍।

ଜାତୀୟ ଚେତନା
JATIYA CHETANA



# ଅନନ୍ତ ଅମ୍ବାନୀଙ୍କୁ 'ପ୍ରଫେସର ଅଫ ପ୍ରାକ୍ଟିସ୍' ସମ୍ମାନ, ବିଶ୍ୱବିଦ୍ୟାଳୟର ନିଷ୍ପତ୍ତିକୁ ନେଇ ଉଠିଲା ପ୍ରଶ୍ନ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ଦ୍ୱିତୀୟ ବଡ଼ ବିଲେନିୟର ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀଙ୍କୁ ବ୍ରିଟେନର ନ୍ୟୁ କ୍ୟାସଲ ୟୁନିଭର୍ସିଟି ସଷ୍ଟେନେବିଲିଟି କ୍ଷେତ୍ରରେ 'ପ୍ରଫେସର ଅଫ ପ୍ରାକ୍ଟିସ୍' ପଦବୀ ପ୍ରଦାନ କରିଛି। ବିଶ୍ୱବିଦ୍ୟାଳୟର ପ୍ରଫେସର ଅଫ ପ୍ରାକ୍ଟିସ୍ କୌଣସି ଗବେଷକ ଙ୍କ ପଦ ନୁହେଁ। ବିଶ୍ୱବିଦ୍ୟାଳୟ ଶିକ୍ଷାବିଦ୍‌ଙ୍କ ବଦଳେ ପ୍ରାକ୍ଟିକାଲ ପ୍ରଫେସନାଲଙ୍କୁ ଏହି ପଦବୀ ପ୍ରଦାନ କରିଥାଏ। ଏହି ପଦବୀ ସର୍ଟ ଟର୍ମ ପଦବୀ। ତେବେ ଏଥିପାଇଁ ଅନନ୍ତ ଅମ୍ବାନୀଙ୍କ ଚୟନ ଲାଗି ୟୁନିଭର୍ସିଟିର ନିଷ୍ପତ୍ତି ଉପରେ ଏବେ ପ୍ରଶ୍ନ ଉଠିଛି।



ନ୍ୟୁ କ୍ୟାସଲ ୟୁନିଭର୍ସିଟି କହିଛି ଯେ ଅମ୍ବାନୀଙ୍କୁ ଏହି ସମ୍ମାନ ଏକ ମଜଭୁତ ଭବିଷ୍ୟତକୁ ଆଗକୁ ବଢେଇବା ଲାଗି ତାଙ୍କ ଯୋଗଦାନ ନିମନ୍ତେ ପ୍ରଦାନ କରାଯାଇଛି। ଉତ୍ତର ଇଂଲଣ୍ଡ ୟୁନିଭର୍ସିଟି କହିଛି ଯେ 'ବନ୍ତାରା'ରେ ହେଉଥିବା କାମ, ଗ୍ଲୋବାଲ ସଂରକ୍ଷଣ ଓ ଜୈବ ବିବିଧତା ଲକ୍ଷ୍ୟ ଉପରେ ୟୁନିଭର୍ସିଟିର ୱାର୍ଲଡ କ୍ଲାସ୍ ଗବେଷଣା ସହିତ ଅନେକାଂଶରେ ମେଳ ଖାଉଛି। ବନ୍ତାରା ମାଧ୍ୟମରେ ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା, ପ୍ରାଣୀଙ୍କର ଭଲ କରିବା ଓ ପରିବେଶ ରକ୍ଷଣାବେକ୍ଷଣାରେ ଅମ୍ବାନୀଙ୍କ ଯୋଗଦାନ ଓ ରିଲାଏନ୍ସ କୁ ଗ୍ରୀନ ଏନର୍ଜୀ ଆଡକୁ ନେଇଯିବାରେ ତାଙ୍କ ଭୂମିକାକୁ ମାନ୍ୟତା ଦେଉଛି। ତେବେ ଭାରତୀୟ ଇତିହାସକାର ତଥା ପରିବେଶବିଦ୍ ରାମଚନ୍ଦ୍ର ଗୁହା ୟୁନିଭର୍ସିଟିର ନିଷ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ସେ କହିଛନ୍ତି ଯେ ମୁଁ ଏପରି ୫୦ ଓ ବୋଧ ହୁଏ ଶହେ ଜଣଙ୍କ ନାଁ କହି ପାରିବି ଯେଉଁମାନେ ଏହି ସମ୍ମାନ ପାଇଁ ଅଧିକ ଯୋଗ୍ୟ । ସେହିପରି ଅବୈଧ ବନ୍ୟଜୀବ ବେପାରର ଯାଞ୍ଚ କରୁଥିବା ଭୁବନ ମଙ୍ଗଲୌର ଯିଏ ଏଙ୍ଗ୍ଲିୟା ରସ୍କିନ ୟୁନିଭର୍ସିଟିରେ 'ବନ୍ତାରା' ଉପରେ ରିସର୍ଚ୍ଚ ପେପର ଲେଖୁଛନ୍ତି ପଚାରିଛନ୍ତି ଏହା କ'ଣ କୌଣସି ପରିହାସ ? ସେହିପରି ସସେକ୍ସ ୟୁନିଭର୍ସିଟି ସମ୍ପର୍କିତ ଇଂଷ୍ଟିଚ୍ୟୁଟ ଅଫ ଡେଭଲପମେଣ୍ଟ ଷ୍ଟଡିଜ୍ ଗବେଷକ ଲାଇଲା ମେହେଟ୍ଟା ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ 'ନ୍ୟୁ କ୍ୟାସଲ ୟୁନିଭର୍ସିଟି ଏଠାରେ ସତସତିକା ତଳକୁ ଖସିଛନ୍ତି ଓ ସଷ୍ଟେନେବିଲିଟିର ପରିହାସ କରିଛନ୍ତି'। ସେହିପରି ୱାଇଲ୍ଡଲାଇଫ କଞ୍ଜର୍ଭେସନିଷ୍ଟ ପ୍ରେରଣା ସିଂହ ବିନ୍ଦ୍ରା ୩,୫୦୦ଏକର (୧,୪୧୬ ହେକ୍ଟର)ରେ ବ୍ୟାପ୍ତ ବନ୍ତାରାକୁ କଞ୍ଜରଭେସନ ସାଇଟ୍ କୁହାଯିବା ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଏହା ବନ୍ୟ ପ୍ରାଣୀଙ୍କୁ ଆବଦ୍ଧ ରଖିବାର ଜାଗା, ଅର୍ଥାତ ଏକ ପ୍ରାଣୀ ଉଦ୍ୟାନ। ତେବେ ଏହା ସଂରକ୍ଷଣ କିପରି ହେଲା ? ଆମକୁ ଜଙ୍ଗଲୀ ପ୍ରାଣୀଙ୍କୁ ସେମାନଙ୍କ ପ୍ରାକୃତିକ ବାସସ୍ଥାନରେ ବଞ୍ଚାଇ ରଖିବାର ଆବଶ୍ୟକତା ରହିଛି, ନା ଚିଡିଆ ଘରେ।

# ଓଡ଼ିଶା ପାଇଁ ଗୌରବ: ଅଲ୍ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ଡ୍ରାଇଭର୍ ଫେଡେରେସନ୍‌ର 'ସାଉଥ୍ ଇଷ୍ଟ ଜୋନ୍' ସଭାପତି ଭାବେ ସୌମେନ୍ଦ୍ର କୁମାର ମିଶ୍ର ନିର୍ବାଚିତ



ନୂଆଦିଲ୍ଲୀ,(ଏଜେନ୍ସି): ନୂଆଦିଲ୍ଲୀସ୍ଥିତ 'ଅଲ୍ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ଡ୍ରାଇଭର୍ ଫେଡେରେସନ୍'ର କାର୍ଯ୍ୟାଳୟରେ ସଂଘର ନବମ ଅଧିବେଶନ ସହ ଆସନ୍ତା ୩ ବର୍ଷ (୨୦୨୬-୨୦୨୯) ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁଯାୟୀ, ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ରମେଶ କୁମାର (ଆଇ.ଏ.ଏସ୍.) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିର୍ବାଚନ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଏହି ଜାତୀୟ ଅଧିବେଶନରେ ଭାରତର ୨୮ ଟି ରାଜ୍ୟ ଏବଂ ୮ ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ସରକାରୀ ଗାଡ଼ି ଚାଳକ ସଂଘଗୁଡ଼ିକର ଶତାଧିକ ପ୍ରତିନିଧି/ ମତଦାତା ଯୋଗ ଦେଇଥିଲେ। ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘର ରାଜ୍ୟ ସଭାପତି ସୌମେନ୍ଦ୍ର କୁମାର ମିଶ୍ର ଫେଡେରେସନ୍‌ର ୪ ଟି ଜୋନ୍ ମଧ୍ୟରୁ 'ସାଉଥ୍ ଇଷ୍ଟ ଜୋନ୍'ର ସଭାପତି ଭାବେ ବିପୁଳ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଏହି ସଫଳତା ସମଗ୍ର ଓଡ଼ିଶା ରାଜ୍ୟ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଏହି ବିଜୟ ସହ ଆଜିଠାରୁ ସେ ଦେଶର ୮ ଟି ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ — ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ପୁଡୁଚେରୀ ଏବଂ ଆଣ୍ଡାମାନ ଓ ନିକୋବର ର ସମସ୍ତ ସରକାରୀ ଗାଡ଼ି ଚାଳକ ସଂଘର ସଦସ୍ୟମାନଙ୍କ ବୃତ୍ତିଗତ ଓ ସାମୂହିକ ବିକାଶର ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି।

# କଳିଙ୍ଗା ଘାଟି ଭୂସ୍ଖଳନ ସ୍ଥାନ ପରିଦର୍ଶନ କଲେ ସଚିବ

ଭୁବନେଶ୍ୱର,(ଜା.ପ୍ର): ନିକଟରେ ହୋଇଥିବା ଭୀଷଣ ବର୍ଷା ଯୋଗୁଁ କଳିଙ୍ଗା ଘାଟିରେ ହୋଇଥିବ ଭୂସ୍ଖଳନ ସ୍ଥାନର ପ୍ରକୃତ ସ୍ଥିତି ଯାଞ୍ଚ କରିବା ପାଇଁ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କନ୍ଧମାଳ ଜିଲ୍ଲା ଗସ୍ତ କରିଛନ୍ତି। ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଏନ୍ଏଚ୍୧୫୭ ଅନ୍ତର୍ଗତ କଳିଙ୍ଗା ଘାଟିର ଦୁଇଟି ଭୂସ୍ଖଳନ ସ୍ଥାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ସମ୍ପାଦନ କରିବା ସହ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୂସ୍ଖଳନ ସ୍ଥାନଗୁଡ଼ିକରେ ପାହାଡ଼ ପାର୍ଶ୍ୱରେ ବିପଦ ସଂକୁଳ ଅବସ୍ଥାରେ ଥିବା ଢିଲା ପଥର, ନରମ ମାଟି ଓ ଅନ୍ୟାନ୍ୟ ବିପଦ ସୃଷ୍ଟିକାରି ସାମଗ୍ରୀକୁ ତୁରନ୍ତ ହଟାଇବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳରେ ଯାନବାହନ ଚଳାଚଳକୁ ଅନୁମତି ନଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଘାଟିର ଦ୍ୱିତୀୟ ଭୂସ୍ଖଳନ ସ୍ଥାନରେ ସୁରକ୍ଷିତ ଏକକ-ଲେନ୍ ଯାତାୟାତ ସହ ତୁରନ୍ତ ଆବଶ୍ୟକ ସଡ଼କ ସୁରକ୍ଷା କାର୍ଯ୍ୟ ହାତକୁ ନିଆଯିବ। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳର ପ୍ରବେଶ ପୂର୍ବରୁ ଏବଂ ପରେ ପ୍ରାୟ ୪୦୦ ମିଟର ଲମ୍ବର ଟେପର୍ ବ୍ୟବସ୍ଥା କରି ଏକକ-ଲେନ୍ ଯାତାୟାତ ପାଇଁ ରାସ୍ତାକୁ ପ୍ରସ୍ତୁତ କରାଯିବ। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବା ପରେ ହିଁ ଯାନବାହନ ଚଳାଚଳକୁ ଅନୁମତି ଦିଆଯିବା ନେଇ ସଚିବ ଶ୍ରୀ ସିଂହ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଶେଷଜ୍ଞ ଦଳ ଦ୍ୱାରା ଭୂସ୍ଖଳନର କାରଣ ଅନୁସନ୍ଧାନ କାରାଯିବ ଓ କିମି ୮୬.୩୮୦ ଏବଂ କି.ମି. ୮୬.୬୭୫ରେ ବୈଷୟିକ ବିଶେଷଜ୍ଞ ଦଳ ଦ୍ୱାରା ବିସ୍ତୃତ ସ୍ଥଳ ଅନୁସନ୍ଧାନ କରାଯିବ। ଉଭୟ ସ୍ଥାନରେ ଭୂସ୍ଖଳନର କାରଣ ଚିହ୍ନଟ କରିବା ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ବିଶେଷଜ୍ଞ ଦଳ ଆବଶ୍ୟକ ସୁପାରିଶ ପ୍ରଦାନ କରିବେ।

## ରିଭୋଲ୍ୟୁସନାରୀ ଷ୍ଟୁଡେଣ୍ଟସ ୟୁନିୟନର ପ୍ରଥମ ରାଜ୍ୟ ସମ୍ମିଳନୀ

# ପ୍ରଶ୍ନପତ୍ର ଲିକ୍ ବିରୋଧରେ ଲଢ଼େଇ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର ସୁରକ୍ଷା ପାଇଁ ଆହ୍ୱାନ

ଭୁବନେଶ୍ୱର,(ଜା.ପ୍ର): ରିଭୋଲ୍ୟୁସନାରୀ ଷ୍ଟୁଡେଣ୍ଟସ ୟୁନିୟନର ପ୍ରଥମ ରାଜ୍ୟ ସମ୍ମିଳନୀ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପତାକା ଉତ୍ତୋଳନ କରାଯାଇ ସମ୍ମିଳନୀର ଶୁଭାରମ୍ଭ କରାଯିବା ପରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ଛାତ୍ର ନେତା ଓ ପ୍ରତିନିଧିମାନେ ନିଜ ନିଜ ମତ ରଖିଥିଲେ।




ମୁଖ୍ୟଅତିଥି ରବି ଶଙ୍କର ରେଡ୍ଡୀ ସମ୍ମିଳନୀକୁ ସମ୍ବୋଧିତ କରି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ବିଭିନ୍ନ ଅନିୟମିତତା ବିରୋଧରେ ଛାତ୍ରଛାତ୍ରୀମାନଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଶ୍ନପତ୍ର ଲିକ୍ ଘଟଣା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଷ୍ଠାର ସହ ପ୍ରସ୍ତୁତି କରୁଥିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗୁରୁତର ଭାବେ ପ୍ରଭାବିତ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଏଥିସହିତ ସ୍ୱଚ୍ଛ ଓ ପାରଦର୍ଶୀ ପରୀକ୍ଷା ବ୍ୟବସ୍ଥା, ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ଅଧିକାରର ସୁରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସମ୍ମିଳନୀକୁ ସମ୍ବୋଧିତ କରି ପୂର୍ବତନ ଛାତ୍ର ସଂଘ ନେତା ନୂର ମହମ୍ମଦ ସମଗ୍ର ଭାରତରେ ଏକ ସାଧାରଣ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକଙ୍କ ଅଭାବ ଏବଂ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିବା ସହ ଶିକ୍ଷା କ୍ଷେତ୍ରରେ ଅଧିକ ସରକାରୀ ପୁଞ୍ଜିନିବେଶ ପାଇଁ ଦାବି କରିଥିଲେ। ଛାତ୍ରଛାତ୍ରୀମାନେ ପ୍ରଶ୍ନପତ୍ର ଲିକ୍, ବେକାରୀ, ଉଚ୍ଚ ଶିକ୍ଷା ଖର୍ଚ୍ଚ ଏବଂ ଅପର୍ଯ୍ୟାପ୍ତ ଶିକ୍ଷା ଭିତ୍ତିଭୂମି ସମେତ ଅନେକ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଥିଲେ। ବିହାରର ବିହାର ଲୋକସେବା ଆୟୋଗ ଏବଂ ଆନ୍ଧ୍ରପ୍ରଦେଶର ଶିକ୍ଷକ ନିଯୁକ୍ତି ପରୀକ୍ଷା ସମେତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଦେଖାଦେଇଥିବା ଅନିୟମିତତା ଘଟଣାର ଉଲ୍ଲେଖ କରି ସେ ସ୍ୱଚ୍ଛ ତଦନ୍ତ ଏବଂ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ଦାବି କରିଥିଲେ।

ଏହାବାଦ୍ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ନେଇ ରହିଥିବା ମାନସିକ ଚାପ ଏବଂ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା ନେଇ ମଧ୍ୟ ସେ ଆଶଙ୍କା ବ୍ୟକ୍ତ କରିଥିଲେ। ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ରିପୋର୍ଟ ହୋଇଥିବା ଆତ୍ମହତ୍ୟା ଘଟଣାଗୁଡ଼ିକର ଉଲ୍ଲେଖ କରି ସେ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ସୁଦୃଢ଼ ସହାୟତା ବ୍ୟବସ୍ଥା ଏବଂ ଏକ ନ୍ୟାୟସଙ୍ଗତ ଓ ପାରଦର୍ଶୀ ପରୀକ୍ଷା ପ୍ରକ୍ରିୟାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ।

ଏହି ସମ୍ମିଳନୀରେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ନିଯୁକ୍ତିରେ ଅନିୟମିତତାର ଅନ୍ତ, ନ୍ୟାୟସଙ୍ଗତ ଓ ପାରଦର୍ଶୀ ପ୍ରତିଯୋଗିତାମୂଳକ ପରୀକ୍ଷା, ଖାଲି ପଡ଼ିଥିବା ଅଧ୍ୟାପକ ଓ ଶିକ୍ଷକ ପଦବୀ ପୂରଣ, ସରକାରୀ ବିଶ୍ୱବିଦ୍ୟାଳୟ ଓ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସମସ୍ତଙ୍କ ପାଇଁ ସମାନ ଓ ସୁଲଭ ଶିକ୍ଷା, ଶିକ୍ଷା ଓ ନିଯୁକ୍ତିର ଅଧିକାର, ଶିକ୍ଷା କ୍ଷେତ୍ରରେ ଅଧିକ ସରକାରୀ ପୁଞ୍ଜିନିବେଶ ଏବଂ ପରୀକ୍ଷା ଚାପର ସମ୍ମୁଖୀନ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଭାବଶାଳୀ ସହାୟତା ବ୍ୟବସ୍ଥା ପାଇଁ ଗଣତାନ୍ତ୍ରିକ ଆନ୍ଦୋଳନକୁ ତୀବ୍ର କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଆନ୍ଦୋଳନ ମାଧ୍ୟମରେ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ଓ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବାକୁ ସଂଗଠନର ନେତାମାନେ ବଦ୍ଧପରିକର ବୋଲି ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ସମ୍ବିତ ପଟ୍ଟନାୟକ, ଖୁସି କୁମାରୀ ମିଶ୍ର, ଚିରଞ୍ଜୀବୀ ସାହୁ, ଅରବିନ୍ଦ ବେହେରା, ଓଡ଼ିଶା ମିରରର ସମ୍ପାଦକ ଦିଲୀପ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଫେସର ଏସ. କେ. କଲିମୁଲ୍ଲା ଏବଂ ରଘୁ ରାମେୟ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।



# କାରୁଣ୍ୟର ମୂର୍ତ୍ତି

ସେତେବେଳେ ଗାଁଗହଳିରେ ଆଜିକାଲି ପରି ବିଜୁଳି ଆଲୁଅ ନଥିଲା; ସନ୍ଧ୍ୟା ନଇଁଲେ କେବଳ ନୀଳ ଆକାଶରୁ ଝୁଲୁଥିବା ସପ୍ତମୀ କି ପୂର୍ଣ୍ଣମୀର ଜୋଛନା ହିଁ ଅନ୍ଧାରକୁ ଟିକିଏ ଫିକା କରିଦେଉଥିଲା, ଯେପରି ଅସୀମ କଳା କାନ୍ଭାସ୍ ଉପରେ କେହି ଗୋଟିଏ ଗୋଟିଏ ଗାଁକୁ ଛୋଟ ଛୋଟ ଚିତ୍ରପଟ ପରି ଆଙ୍କି ରଖିଛି। ସନ୍ଧ୍ୟା ପଡ଼ିବା ମାତ୍ରେ ଗାଁଗୁଡ଼ିକ ଏକ ଗଭୀର, ନିଶବ୍ଦ ଅମାବାସ୍ୟା ସଦୃଶ ଅନ୍ଧାରର ଚାଦର ତଳେ ଶୋଇପଡୁଥିଲେ। ସାହାଡ଼ାସୁନ୍ଦରୀ ଗାଁର ମଝିଆଁରେ କଳକଳ ନାଦ କରି ବୋହିଯାଉଥିବା ଛୋଟ ପାହାଡ଼ି ନଈଟିର କୂଳରେ, ସେହି ବହୁ ପୁରୁଣା ଆମ୍ବତୋଟା ପାଖରେ ଏକ ଅସାଧାରଣ ନିଶବ୍ଦତା ସଦାସର୍ବଦା ଘେରି ରହୁଥିଲା। ସେହି ଆମ୍ବତୋଟା ନିକଟସ୍ଥ ଛୋଟ କୁଡ଼ିଆଘରେ ରହୁଥିଲେ ଗୋବିନ୍ଦ। ସେ କେବଳ ଜଣେ ସାଧାରଣ କାଠକରୀ ନଥିଲେ, ବରଂ ନିଜ ହାତର ନିହାଣ ଓ ବାଟୁଳି ମାଧ୍ୟମରେ କାଠର ନିର୍ଜୀବ ଖଣ୍ଡ ଭିତରେ ପ୍ରାଣସଞ୍ଚାର କରିପାରୁଥିବା ଜଣେ ବିରଳ ଅତି ବିଶାଳ ଶିଳ୍ପୀ ଥିଲେ। କାଠର ଗୋଟିଏ ଗୋଟିଏ ବିଶାଳ ଗଣ୍ଡିକୁ ଦେଖିଲେ ହିଁ ସେ ସେଥିରେ ଦେବତାଙ୍କର ଅପୂର୍ବ ରୂପ କଳ୍ପନା କରିନେଉଥିଲେ। ଶାଳ, ପିଆଶାଳ କିମ୍ବା ନିମ୍ବ କାଠ ଗଣ୍ଡିରେ ତାଙ୍କ ବାଟୁଳି ଓ ନିହାଣର ପ୍ରଥମ ଆଘାତ ବାଜିବା ମାତ୍ରେ ସେଥିରୁ ପ୍ରକାଶ ପାଉଥିଲେ ସାକ୍ଷାତ୍ ଜୀବନ୍ତ ପରି ପ୍ରତୀୟମାନ ହେଉଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ଅନ୍ୟାନ୍ୟ ଦେବଦେବୀଙ୍କର କାରୁଣ୍ୟମୟ ରୂପ। ତାଙ୍କ ହାତ ଗଢ଼ା ମୂର୍ତ୍ତିର ଚକ୍ଷୁକୁ ଦେଖିଲେ ମନେହେଉଥିଲା ସେମାନେ ଯେପରି ଏବେ କଥା କହିଉଠିବେ, ଭକ୍ତର ଦୁଃଖ ଶୁଣି ନିଜର ଦୟାର ହାତ ବଢ଼ାଇଦେବେ।

ଦିନେ ସେହି ଅଞ୍ଚଳର ଜଣେ ଗଣ୍ୟମାନ୍ୟ, ଧନୀ ଜମିଦାର ଗୋବିନ୍ଦଙ୍କ କଳାର ପ୍ରଶଂସା ଶୁଣି ତାଙ୍କ ଆଶ୍ରମ ପରି କୁଡ଼ିଆ ପାଖକୁ ଆସିଲେ। ଜମିଦାରଜଣକ ବହୁତ ଗର୍ବ ଓ ବିଶ୍ୱାସର ସହିତ ଗୋବିନ୍ଦଙ୍କୁ କହିଲେ, 'ଗୋବିନ୍ଦ, ମୁଁ ଶୁଣିଛି ତୁମ ହାତରେ କାଠ ବି ପ୍ରାଣ ପାଏ। ତୁମେ ଆମ ଜମିଦାରୀ ଗାଁ ପାଇଁ ଗୋଟିଏ ଅତି ବିଶାଳକାୟ, ଅପୂର୍ବ ଜଗନ୍ନାଥ ମୂର୍ତ୍ତି ଗଢ଼ିଦିଅ। ଆମେ ସେହି ମୂର୍ତ୍ତିକୁ ବଡ଼ ପୂଜାରେ ଏକ ଆଡ଼ମ୍ବରପୂର୍ଣ୍ଣ ମଣ୍ଡପରେ ସ୍ଥାପନା କରିବୁ, କିନ୍ତୁ ମୋର ଗୋଟିଏ କଠୋର ସର୍ତ୍ତ ହେଉଛି— ଏହି ମୂର୍ତ୍ତି ସାରା ରାଇଜର କୌଣସି ମୂର୍ତ୍ତି ସହ ସମାନ ହେବନାହିଁ। ଏହା ସବୁଠାରୁ ଭିନ୍ନ, ଅସାଧାରଣ ଓ ଜୀବନ୍ତ ଦେଖାଯିବା ଦରକାର।' ଗୋବିନ୍ଦ ମାଥା ନଆଁଇ ଜମିଦାରଙ୍କ ଆଜ୍ଞା ସ୍ୱୀକାର କଲେ ଏବଂ ନିଜର ସମସ୍ତ ଶ୍ରଦ୍ଧା, ଭକ୍ତି, ଆଧ୍ୟାତ୍ମିକତା ଓ ନିଷ୍ଠା ଢାଳି ଦେଇ ସେହି ମହାପ୍ରଭୁଙ୍କ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଲେ। ଦିନ ପରେ ଦିନ, ମାସ ପରେ ମାସ ବିତିଗଲା। ଗୋବିନ୍ଦ ଅନ୍ନ-ଜଳ ପରିତ୍ୟାଗ କରି, କେବଳ ପ୍ରଭୁଙ୍କ ଧ୍ୟାନରେ ମଗ୍ନ ରହି ମୂର୍ତ୍ତି ଖୋଦେଇ ଚାଲିଲେ। ଶେଷରେ ସେହି ଅପୂର୍ବ, ଅତି ବିଶାଳ ମୂର୍ତ୍ତି ପ୍ରସ୍ତୁତ ହୋଇଉଠିଲା। ସେହି ମୂର୍ତ୍ତିକୁ ଯିଏ ହେଲେ ବି ଆଖି ପୁରାଇ ଦେଖୁଥିଲା, ସେ ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲା। ସତେ ଯେପରି ସ୍ୱୟଂ ଜଗତର ନାଥ ଜଗନ୍ନାଥ ସେଠାରେ ବିରାଜମାନ କରିଛନ୍ତି, ତାଙ୍କର ସେହି କାଳିଆ ଡୋଳାରୁ କାରୁଣ୍ୟ, ପ୍ରେମ ଓ ଅନନ୍ତ କୃପା ଝରିପଡୁଛି। ଗୋବିନ୍ଦଙ୍କ କୁଡ଼ିଆ ଆଗରେ ସେହି ମୂର୍ତ୍ତିର ଆଭା ପୂରା ଗାଁକୁ ଆଲୋକିତ କରିଦେଉଥିଲା।

କିନ୍ତୁ କାଳର ଚକ ଅତି ଅଜବ ଓ କ୍ରୂର ଭାବେ ଘୁରିଗଲା। ମୂର୍ତ୍ତି ନିର୍ମାଣ ଶେଷ ହେବା କ୍ଷଣି ସେହି ବର୍ଷ ସାରା ଅଞ୍ଚଳରେ ଦାରୁଣ ଭୂଖଣ୍ଡ, ଅନାବୃଷ୍ଟି ଓ ଦୁର୍ଭିକ୍ଷର କରାଳ ଛାୟା ମାଡ଼ିଆସିଲା। ଆକାଶରୁ ମେଘ ଗାଏବ ହୋଇଗଲା, ବିଲରେ ଫସଲ ସବୁ ଜଳିପୋଡ଼ି ଛାରଖାର ହୋଇଗଲା, ନଈ-ନାଳ ଶୁଖି ଫାଟିଗଲା। ଲୋକେ ଟୋପାଏ ଜଳ ଓ ମୁଠାଏ ଆହାର ପାଇଁ ଆକୁଳ ହୋଇ ଚିତ୍କାର କଲେ, ଚାରିଆଡ଼େ କେବଳ କଙ୍କାଳସାର ମଣିଷଙ୍କର କରୁଣ ଚିତ୍କାର ଶୁଣାଗଲା। ଗୋବିନ୍ଦଙ୍କ ନିଜ ଘରେ ବି ଆଉ ହାଣ୍ଡି ଚାଲିଲାନାହିଁ। ଦିନ ଦିନ ଧରି ଚୁଲି ଜଳିଲାନି। ତାଙ୍କର ଛୋଟ ପୁଅ ସୁବାସ କ୍ଷୁଧାର ଜ୍ୱାଳାରେ ଆକୁଳ ହୋଇ 'ବାପା, ଖାଇବାକୁ ଦିଅ' ବୋଲି କହି କାନ୍ଦିବାକୁ ଲାଗିଲା। ସ୍ତ୍ରୀ ନିଜ ଆଖିରୁ ଲୁହ ଗଡ଼ାଇ ଅସହାୟ ଭାବେ ଗୋବିନ୍ଦଙ୍କ ମୁହଁକୁ ଚାହିଁ ରହିଲେ। ଆଶ୍ଚର୍ଯ୍ୟର କଥା, ଯେଉଁ ଧନୀ ଜମିଦାର ମୂର୍ତ୍ତି ଗଢ଼ିବାକୁ ଆଦେଶ ଦେଇଥିଲେ, ସେ ମଧ୍ୟ ଏହି ଦୁର୍ଭିକ୍ଷର ଗ୍ରାସରୁ ରକ୍ଷା ପାଇନଥିଲେ। ତାଙ୍କ ନିଜ ଘରେ ବି ସଙ୍କଟ ଉପୁଜିଥିବାରୁ ସେ ଆଉ ସେହି ଅତି ବିଶାଳ ମୂର୍ତ୍ତିକୁ ନେବାକୁ କି ଗୋବିନ୍ଦଙ୍କୁ ତାଙ୍କ ପାରିଶ୍ରମିକ ଦେବାକୁ ଆସିଲେ ନାହିଁ।

ଗୋବିନ୍ଦଙ୍କ ଆଗରେ ଏବେ କେବଳ ପରିବାରର ଭୋକିଲା ମୁହଁ ଓ ସାମ୍ନାରେ ଠିଆ ହୋଇଥିବା ମହାପ୍ରଭୁଙ୍କ ସୁନ୍ଦର ମୂର୍ତ୍ତି। ଦାରିଦ୍ର୍ୟର ସେହି କଠୋର ଓ ଅସହ୍ୟ ତାଡ଼ନାରେ ଆସି ଗୋବିନ୍ଦ ନିଜ ହୃଦୟକୁ ପାଥର କରି ଗୋଟିଏ ଅତି କଠିନ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ। ସେ ନିଜ ରକ୍ତସିଞ୍ଚିତ ହାତରେ ନିର୍ମିତ ପବିତ୍ର ଜଗନ୍ନାଥ ମୂର୍ତ୍ତିକୁ ବିକ୍ରି କରିବା ପାଇଁ ସହର ଆଡ଼କୁ ବାହାରିଲେ, ଯେଉଁଠି ଜଣେ ବିଦେଶୀ ବ୍ୟବସାୟୀ ସେହି ଅପୂର୍ବ କଳାକୃତିକୁ ଅଧିକ ଦାମରେ କିଣି ନିଜ ଦେଶକୁ ନେବାକୁ ପ୍ରସ୍ତୁତ ଥିଲା। ଗାଁରୁ ସହରକୁ ଯାଉଥିବା ସେହି ସାପ ପରି ବଙ୍କା-ଟଙ୍କା, ଅନ୍ଧାରିଆ ରାସ୍ତାରେ ଗୋଟିଏ ଛୋଟ ଶଗଡ଼ ଗାଡ଼ିରେ ମୂର୍ତ୍ତିକୁ କପଡ଼ାରେ ଢାଙ୍କି ରଖି ଗୋବିନ୍ଦ ଆଗକୁ ଚାଲୁଥିଲେ। ତାଙ୍କ ସାଙ୍ଗରେ ଚାଲୁଥିଲା ତାଙ୍କର ସେହି ନିରୀହ, କ୍ଷୁଧାର୍ତ୍ତ ଛୋଟ ପୁଅ। ପୁଅ ଅନେକ ବାଟ ଚାଲି ଚାଲି ଥକିପଡ଼ିଥିଲା, କ୍ଷୁଧା ଓ କ୍ଲାନ୍ତିରେ ତାର ଆଖିରୁ ଲୁହ ଧାର ଧାର ହୋଇ ଗଡୁଥିଲା।

ଶଗଡ଼ରେ ଢଙ୍କା ହୋଇଥିବା ସେହି ମୂର୍ତ୍ତି ଆଡ଼କୁ ଚାହିଁ ସେ ଅସହାୟ ଭାବେ ନିଜ ବାପାଙ୍କୁ ପଚାରିଲା, 'ବାପା, ଆମେ ଆମର ଈଶ୍ୱରଙ୍କୁ ବିକିବାକୁ ନେଉଛେ ? ଈଶ୍ୱର ବି କ'ଣ ବାଜାରରେ ଟଙ୍କା ପାଇଁ ବିକ୍ରି ହୁଅନ୍ତି ?' ପୁଅର ଏହି ନିଷ୍ପାପ ପ୍ରଶ୍ନ ଶୁଣି ଗୋବିନ୍ଦଙ୍କ ପାଖରେ ସେତେବେଳେ କୌଣସି ଉତ୍ତର ନଥିଲା। ତାଙ୍କ ଆଖିରୁ ଲବଣାକ୍ତ ଅଶ୍ରୁର ଧାର କପୋଳ ଦେଇ ବୋହିଯାଉଥିଲା। ସେ ଅନ୍ତରରେ ଭାଙ୍ଗିପଡ଼ି ଭାବୁଥିଲେ- ହେ ପ୍ରଭୁ, ନିଜ ପରିବାରର ଭୋକିଲା ପେଟ ପୋଷିବା ପାଇଁ ମୁଁ ଆଜି ତୁମକୁ, ସାରା ଜଗତର ମାଲିକଙ୍କୁ ନିଲାମ କରିବାକୁ ବାହାରିଛି, ଏହାଠାରୁ ବଡ଼ ପାପ ଓ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ ! ସହରରେ ପହଞ୍ଚିବା ପରେ ସେହି ଧନୀ ବିଦେଶୀ ବ୍ୟବସାୟୀଜଣକ ମୂର୍ତ୍ତିର ଅପୂର୍ବ ସୌନ୍ଦର୍ଯ୍ୟ ଓ ପ୍ରାଣବନ୍ତ ରୂପ ଦେଖି ବିମୋହିତ ହୋଇଗଲା ଏବଂ କୌଣସି ମୋଲଚାଲ ନକରି ଗୋବିନ୍ଦଙ୍କ ହାତରେ ବିପୁଳ ପରିମାଣର ଅର୍ଥ ଟେକିଦେଲା।

ସେହି ଟଙ୍କା ନେଇ ଗୋବିନ୍ଦ ବଜାରରୁ ପ୍ରଚୁର ଚାଉଳ, ଡାଲି ଓ ଆହାର କିଣିଲେ, ଏବଂ ନିଜ ଗାଁକୁ ଫେରିଆସି ନିଜ ପରିବାର ଓ ଗାଁର କିଛି ଭୋକିଲା ଲୋକଙ୍କ ପେଟ ଶାନ୍ତ କଲେ। କିନ୍ତୁ ସେହି ଦିନଠାରୁ ଗୋବିନ୍ଦଙ୍କ ଭିତରର ଶ୍ରେଷ୍ଠ ଶିଳ୍ପୀ ସଦାସର୍ବଦା ପାଇଁ ମରିଗଲା। ସେ ଆଉ କେବେବି ହାତରେ ନିହାଣ କି ବାଟୁଳି ଛୁଇଁଲେ ନାହିଁ, କୌଣସି କାଠ ଗଣ୍ଡିକୁ ସ୍ପର୍ଶ ବି କଲେ ନାହିଁ। ତାଙ୍କର ଆଧ୍ୟାତ୍ମିକ ଚେତନା ସେତେବେଳେ ଜାଗ୍ରତ ହେଲା, ଯେତେବେଳେ ସେ ଅନୁଭବ କଲେ ଯେ, ଯେଉଁ ମହାପ୍ରଭୁ ଠାକୁରଙ୍କୁ ସେ ନିଜ ହାତରେ ଗଢ଼ିଥିଲେ ବୋଲି ଭାବୁଥିଲେ, ବାସ୍ତବରେ ସେହି ଅନ୍ତର୍ଯ୍ୟାମୀ ଠାକୁର ହିଁ ତାଙ୍କର ପ୍ରକୃତ ଅନ୍ନଦାତା ହୋଇ, ନିଜ ଭକ୍ତ ଓ ଶିଳ୍ପୀର ପରିବାରକୁ ଭୋକ ଦାଉରୁ ବଞ୍ଚାଇବା ପାଇଁ ନିଜକୁ ନିଜେ ବିକ୍ରି କରିଦେଲେ ! ପ୍ରଭୁ ନିଜେ ନିଜକୁ ବିକ୍ରି ହେବାକୁ ଦେଇ ସେମାନଙ୍କୁ ଏକ ନୂତନ ଜୀବନ ଦାନ କଲେ। ସମୟର ନିରନ୍ତର ସ୍ରୋତରେ ଅନେକ ବର୍ଷ, ଅନେକ ଦଶନ୍ଧି ବିତିଗଲା। କାଳର କରାଳ ଗ୍ରାସରେ ସେହି ଗାଁର ଅନେକ କିଛି ବଦଳିଗଲା, କିନ୍ତୁ ସାହାଡ଼ାସୁନ୍ଦରୀ ଗାଁର ପ୍ରତ୍ୟେକଟି ମାଟି କଣିକାରେ, କାଠର ପ୍ରାଚୀନ ଗନ୍ଧରେ ଓ ସନ୍ଧ୍ୟାର ନିଶବ୍ଦ ଜୋଛନାରେ ଏହି ଗଳ୍ପ ଗୋଟିଏ କରୁଣ ଓ ଅମର ଆଲେଖ୍ୟ ହୋଇ ରହିଗଲା।

ଏହା କେବଳ ଜଣେ ଶିଳ୍ପୀର ଚରମ ଅସହାୟତା ନୁହେଁ, ବରଂ ନିଜ ଭକ୍ତ ପାଇଁ ଭଗବାନଙ୍କର ଅସୀମ, ଅତୁଳନୀୟ କୃପା ଓ ଆତ୍ମସମର୍ପଣର ଏକ ଶାଶ୍ୱତ କାହାଣୀ। ସୁରେଶ ଛୋଟରାୟଙ୍କ ନିପୁଣ ସୃଜନଶୀଳତାରେ ଏହି ଗାଥା ଆଜି ବି ପ୍ରତ୍ୟେକ ପାଠକର ହୃଦୟକୁ ଗଭୀର ଭାବେ ଆନ୍ଦୋଳିତ ଓ ଆପ୍ଲୁତ କରେ, ଯେଉଁଠି ମଣିଷର ଚରମ ଦାରିଦ୍ର୍ୟ ଏବଂ ଭଗବାନଙ୍କ ପ୍ରତି ଥିବା ଅଚଳ ଭକ୍ତିର ଏକ ଅଭୂତପୂର୍ବ ଓ ଚିରନ୍ତନ ସଙ୍ଗମ ଦେଖିବାକୁ ମିଳେ।

**ରାଜୀବ ଲୋଚନ ମିଶ୍ର**
ସୋର, ବାଲେଶ୍ୱର

# ଶବ ମୋ ତୁମ ନାଆଁ କହୁଥିବ



କେବେ କହିବିନି ତୁମେ ଭୁଲିଗଲ
ଅଧା ବାଟେ ହାତ ଛାଡ଼ି ଦେଇଗଲ,
ମୋ ମନ ପରା ଏ ଆଜି ବି କହୁଚି
ଆଜି ତୁମେ ତୁମେ ଅଛ କାଲି ବି ଥିଲ,
ଭୁଲ୍ କାହାର କୁହ,
ପାଖରେ ଥାଇକି ଦୂରେଇ ଯାଇଚ
ଏ କଣ ପ୍ରତାରଣା ନୁହଁ ?
ଜାଣେନା ମୁଁ ଆଉ କେବେ
ପୁଣି ଦେଖା ହେବ,
ତୁମେ ଥିବ ମୁଁ ଥିବି
ଏ ସଂପର୍କ ବି ଥିବ,
ଯଦି କେବେ ତା ଭିତରେ ମୋ ଜୁଇ
ଜଳିବ
ତେବେ ବି ଶବ ମୋ ତୁମ ନାଆଁ
କହୁଥିବ।

**ସୁଶ୍ରୀ ମିଲି ସାହୁ**
ଜଗତସିଂହପୁର
ମୋ: ୯୪୩୭୯୮୮୪୮୩

# ମା'

'ମା' ବୋଲି ସିନା ଗୋଟିଏ ଅକ୍ଷର
ପରିଭାଷା କୋଟିଏର।
ହାଡ଼ ମାଂସର ପିତୁଳା ନୁହେଁ ସେ
ପୂଣ୍ୟତୋୟା ଗଙ୍ଗା ତିର।
ନାରୀ ରୂପ ଧରି ମର୍ତ୍ତେ ଅବତରି
ବିତରେ ବୁକୁରୁ ମମତା ବାରି।
ତା'ର ପାଦ ଧୂଳି ମଥେ ଦେଲେ ବୋଲି
ପ୍ରାପ୍ତ ହେବୁ ବାବୁ ସୌଭାଗ୍ୟ ଶିରି।
ସାତ ସାଗରର ଲୁହ ତା' ଆଖିରେ
ଧୋଇ ଦେବ ତାର ସନ୍ତାନ ଦୁଃଖ।
ସାତ ଜନ୍ମର ସପନ ନୟନେ
ଜାତିସ୍ମର ପୁତ୍ର ହେବେ ତା' ଦକ୍ଷ।
ମା' ନୁହେଁ ସିଏ,
ସଞ୍ଜ ସକାଳର ଚଉରାମୂଳର ଅଲିଭା
ଦୀପ
ବାତା'ହାତ ଘନ କୁହୁଡି ରେ ଜଳେ
ହୋଇ ନିଷ୍କମ୍ପ।
କ୍ଷୁଦ୍ର ସଳିତା ତା' ଜୀବନ କାଳ
ସମୟର ସ୍ରୋତ କରେ କବଳ।
ଜଳି ଜଳି ଲିଭେ ସଳିତାଟିକ
ଅସରନ୍ତି ସ୍ନେହ ଅଭୁଲା ସ୍ମୃତି ତା କରେ
ନିର୍ବାକ।
ମା'ର ମମତା ଅଲିଭା ଦୀପ
ଲିଭେ ନାହିଁ ଜଳେ ଅନ୍ଧାରେ ଆଲୁଅ
ଜୀବନ ଯାକ।

**ପ୍ରଭାତ କୁମାର ବାରିକୀ**
ମାଲୁଦ, ପୁରୀ
ମୋ: ୭୯୭୮୧୮୦୦୬୬

# ଧୈର୍ଯ୍ୟ ଓ ବିଶ୍ୱାସ

ଗୋଟିଏ ଗହଞ୍ଚ ଜଙ୍ଗଲରେ ଗୋଟିଏ ବିଶାଳ ବଟବୃକ୍ଷ ଥିଲା। ସେହି ଗଛରେ ଏକ ସୁନ୍ଦର କପୋତ ଯୋଡ଼ି ନିଜ ବସା ବାନ୍ଧି ରହୁଥିଲେ। ଦିନେ ଜଙ୍ଗଲକୁ ଜଣେ ଶିକାରୀ ଆସିଲା। ଶିକାରୀଟି କପୋତ ପକ୍ଷୀଙ୍କ ଉପରକୁ ତୀର ମାରିବାକୁ ଧନୁ ଉଠାଇଲା। ସେହି ସମୟରେ ଆକାଶରୁ ଗୋଟିଏ ବିଶାଳ ଚିଲ ମଧ୍ୟ ସେମାନଙ୍କୁ ଶିକାର କରିବାକୁ ତଳକୁ ଖସିଆସିଲା। ତଳେ ଶିକାରୀର ତୀର ଓ ଉପରେ ଚିଲର ତୀକ୍ଷ୍ଣ ନଖ, କପୋତ ଦମ୍ପତିଙ୍କ ପାଇଁ ମୃତ୍ୟୁ ନିଶ୍ଚିତ ଥିଲା। ପକ୍ଷୀ ଦୁଇଟି ନିଜର ଆସନ୍ନ ମୃତ୍ୟୁ ଦେଖି ବ୍ୟାକୁଳ ହୋଇପଡ଼ିଲେ। ସେମାନଙ୍କ ପାଖରେ ନିଜକୁ ରକ୍ଷା କରିବାର କୌଣସି ଉପାୟ ନଥିଲା। ସେମାନେ ଆଖି ବୁଜି ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ଠିକ୍ ସେତିକି ବେଳେ ଏକ ଅଭାବନୀୟ ଘଟଣା ଘଟିଲା। ଘାସ ଭିତରେ ଲୁଚି ରହିଥିବା ଗୋଟିଏ ବିଷାକ୍ତ ସାପ ଶିକାରୀର ପାଦରେ କାମୁଡ଼ିଦେଲା। ଯନ୍ତ୍ରଣାରେ ଶିକାରୀର ହାତ ଥଳକୂଳ ହରାଇଗଲା। ସେହି କାରଣରୁ ତାଙ୍କ ହାତରୁ ତୀରଟି ଛୁଟିଯାଇ କପୋତ ବଦଳରେ ଉପରୁ ଆସୁଥିବା ଚିଲ ଦେହରେ ବାଜିଲା। ଚିଲଟି ସାଙ୍ଗେ ସାଙ୍ଗେ ତଳେ ଖସିପଡ଼ି ପ୍ରାଣ ତ୍ୟାଗ କଲା। ସାପ ବିଷ ଯୋଗୁଁ ଶିକାରୀ ମଧ୍ୟ ସେଠାରେ ଟଳିପଡ଼ିଲା। ଏକାସାଙ୍ଗରେ ଦୁଇଟିଯାକ ସଙ୍କଟ ଦୂର ହୋଇଗଲା। କପୋତ ଯୋଡ଼ି ନିଜ ଆଖି ଖୋଲି ଏହି ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିଲେ। ସେମାନେ ବୁଝିପାରିଲେ ଯେ ସଙ୍କଟ ସମୟରେ ଧୈର୍ଯ୍ୟ ଓ ବିଶ୍ୱାସ ରଖିଲେ ସବୁ ବାଟ ଆପେ ଆପେ ଫିଟିଯାଏ। ଈଶ୍ୱରଙ୍କ କୃପାରୁ ସେମାନଙ୍କର ପ୍ରାଣ ବଞ୍ଚିଗଲା। ସେମାନେ ସାନନ୍ଦେ ଆକାଶରେ ଉଡ଼ିଗଲେ।

**ସ୍ମୃତି ରଞ୍ଜନ ବିଶ୍ୱାଳ**
ଧୂଆଁଳ, ବାଲୁଗାଁ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



# ପ୍ରଥମ ଦିନିକିଆ: କୋହଲି ଓ ଗିଲ୍‌ଙ୍କ ଶତକ, ୮ ୱିକେଟ୍‌ରେ ହାରିଲା ୱେଷ୍ଟଇଣ୍ଡିଜ୍

ତିରୁଅନନ୍ତପୁରମ୍,(ଏଜେନ୍ସି): ଭାରତ ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟ୍‌ରେ ହରାଇ ଦେଇଛି। ତିରୁଅନନ୍ତପୁରମ୍‌ର ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍ ୫୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୯୫ ରନ୍ କରିଥିଲା। ଜବାବରେ ଭାରତ ୪୧.୪ ଓଭର୍‌ରେ ୨ ୱିକେଟ୍ ବିନିମୟରେ ୩୦୦ ରନ୍ କରି ବିଜୟୀ ହୋଇଛି। ଏହି ବିଜୟ ସହିତ ଭାରତ ୩ ମ୍ୟାଚ୍‌ର ସିରିଜ୍‌ରେ ୧-୦ରେ ଆଗୁଆ ହୋଇଛି। ୪୨ତମ ଓଭର୍‌ର ତୃତୀୟ ଏବଂ ଚତୁର୍ଥ ବଲ୍‌ରେ ଲଗାତାର ଛକା ମାରି ଭାରତକୁ ବିଜୟୀ କରାଇଥିବା ବିରାଟ କୋହଲି ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ମନୋନୀତ ହୋଇଛନ୍ତି।

ଲକ୍ଷ୍ୟର ପିଛା କରୁଥିବା ଭାରତ ୭୪ ରନ୍‌ର ସ୍କୋର୍‌ରେ ରୋହିତ ଶର୍ମାଙ୍କ ୱିକେଟ୍ ହରାଇଥିଲା। ରୋହିତ ୨ ଚୌକା ଓ ୩ ଛକା ସହାୟତାରେ ୩୨ ରନ୍ କରି ଅଲ୍‌ଜାରୀ ଜୋସେଫ୍‌ଙ୍କ ବଲ୍‌ରେ ଜୁଏଲ୍ ଆଣ୍ଡ୍ରୁଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଓ ବିରାଟ କୋହଲିଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୧୩୨ ବଲ୍‌ରେ ୧୫୧ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଇତିମଧ୍ୟରେ ଗିଲ୍ ଦିନିକିଆ କ୍ୟାରିୟର୍‌ର ୧୦ମ ଶତକ ହାସଲ କରିଥିଲେ। ସେ ୧୦୮ ବଲ୍‌ରେ ୧୧୦ ରନ୍ କରି ରୋଷ୍ଟନ୍ ଚେଜ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୧୩ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ବିରାଟ କୋହଲି ୮୮ ବଲ୍‌ରେ ଅପରାଜିତ ୧୩୯ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍‌ରେ ୧୦ ଚୌକା ଓ ୯ ଛକା ସାମିଲ ଥିଲା। ସେ ୩୮ତମ



ଓଭର୍‌ରେ ଛକା ମାରି ଦିନିକିଆରେ ୫୫ତମ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୮୬ତମ ଶତକ ପୂରଣ କରିଥିଲେ। ଏହା ବ୍ୟତୀତ ସେ ଦିନିକିଆରେ ଦ୍ରୁତତମ ୧୫ ହଜାର ରନ୍ ହାସଲକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଋତୁରାଜ ଗାଏକଓ୍ୱାଡ୍ ୧୩ ରନ୍ କରି ଅପରାଜିତ ରହିଥିଲେ। ଟସ୍ ହାରି ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍‌କୁ ଜନ୍ କ୍ୟାମ୍ପବେଲ୍ ଓ ଜଷ୍ଟିନ୍ ଗ୍ରୀଭ୍‌ସ ଦ୍ରୁତ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୧୩୫ ରନ୍ ଯୋଡ଼ିବା ପରେ କ୍ୟାମ୍ପବେଲ୍‌ଙ୍କୁ କୁଲଦୀପ୍ ଯାଦବ ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ। ସ୍କୋର୍‌ରେ ଆଉଟ୍ ୪୧ ରନ୍ ଯୋଡ଼ିହେବା ପରେ କିସି କାର୍ଟି (୧୩ ରନ୍)ଙ୍କୁ ଆଉଟ୍ କରି ପ୍ରସିଦ୍ଧ କୃଷ୍ଣା ଇଣ୍ଡିଜ୍‌କୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ଗ୍ରୀଭ୍‌ସ ୧୦୮ ବଲ୍‌ରେ ୧୨ ଚୌକା ସହାୟତାରେ ୧୦୧ ରନ୍‌ର ଶତକୀୟ ଇନିଂସ୍ ଖେଳି କୁଲଦୀପ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କ୍ୟାପ୍‌ଟେନ୍ ଶାଇ ହୋପ୍ ୧୨ରେ ଏବଂ ଜୁଏଲ୍ ଆଣ୍ଡ୍ରୁ ଖାତା ଖୋଲିବା ପୂର୍ବରୁ କୁଲଦୀପ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ୧୯୮ ରନ୍‌ରେ ୫ ୱିକେଟ୍‌ର ପତନ ପରେ ଅମୀର ଜଙ୍ଗୁ ଇନିଂସ୍ ସମ୍ଭାଳି ଟିମ୍‌ର ସ୍କୋର୍ ୨୯୫ ରନ୍‌ରେ ପହଞ୍ଚାଇଥିଲେ। ସେ ରୋଷ୍ଟନ୍ ଚେଜ୍ (୨୪ ରନ୍)ଙ୍କ ସହ ୫୨ ଏବଂ ମାଥ୍ୟୁ ଫୋର୍ଡ (୭ ରନ୍)ଙ୍କ ସହ ୩୮ ରନ୍‌ର ପାର୍ଟନରଶିପ୍ କରିବା ସହ ୫୮ ରନ୍‌ରେ ଅପରାଜିତ ରହିଥିଲେ। ତାଙ୍କ ୪୩ ବଲ୍‌ର ଇନିଂସ୍‌ରେ ୭ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଭାରତ ପକ୍ଷରୁ କୁଲଦୀପ୍ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ପ୍ରସିଦ୍ଧ କୃଷ୍ଣା ୨ଟି ଓ ନୀତୀଶ କୁମାର ରେଡ୍ଡୀଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଭାରତର ଷ୍ଟାର୍ କ୍ରିକେଟର୍ ବିରାଟ କୋହଲି ଦିନିକିଆରେ ଦ୍ରୁତତମ ୧୫ ହଜାର ରନ୍ କରିବାରେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ରବିବାର ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ କୋହଲି ଏହି କାରମାନା କରିଛନ୍ତି। ଏହି ମାମଲାରେ ସେ ମାଷ୍ଟର୍ ବ୍ଲାଷ୍ଟର୍ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡ ଭଙ୍ଗ କରିଛନ୍ତି। କୋହଲି ୩୦୩ ଇନିଂସ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ସଚିନ୍ ୨୦୦୭ରେ ସାଉଥ୍ ଆଫ୍ରିକା ବିପକ୍ଷରେ ୩୭୭ ଇନିଂସ୍‌ରେ ୧୫ ହଜାର ରନ୍ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ କୋହଲି ୧୩୯ ରନ୍ କରି ଅପରାଜିତ ରହିଥିଲେ। କୋହଲି ୩୮ତମ ଓଭର୍‌ର ଚତୁର୍ଥ ବଲ୍‌ରେ ଛକା ମାରି ଶତକ ପୂରଣ କରିଥିଲେ। ଏହା ସହିତ ତାଙ୍କର ଲିଷ୍ଟ-ଏ କ୍ରିକେଟ୍‌ରେ ୬୦ତମ ଶତକ ପୂରା ହୋଇଛି। ଏହି ମାମଲାରେ ସେ ସଚିନ୍ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି। ତେବେ ସଚିନ୍ ୫୩୮ ଇନିଂସ୍‌ରେ ୬୦ ଶତକ ହାସଲ କରିଥିବା ବେଳେ କୋହଲି ୩୩୮ ଇନିଂସ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି।

# ସ୍ୱର୍ଣ୍ଣ ପଦକରୁ କୁଶାରେ ଓ ଆନ୍ସି ଅଳ୍ପକେ ବଞ୍ଚିତ

ଆଇଚି ନାଗୋୟା,(ଏଜେନ୍ସି): ଏସିଆନ୍ ଗେମ୍ସ ୨୦୨୬ରେ ରବିବାର ଭାରତୀୟ ଆଥ୍‌ଲେଟିକ୍ସ ପାଇଁ ଚମତ୍କାର ରହିଛି। ଭାରତ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ୍‌ରେ ୨ ରୌପ୍ୟ ସମେତ ପାଞ୍ଚ ପଦକ ଜିତିଛି। ଆନ୍ସି ସୋଜନ୍ ଏବଂ ସର୍ବେଶ କୁଶାରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ରିତ୍ରା ଭଦ୍ରା, ତେଜଶ୍ୱିନ୍ ଶଙ୍କର ଏବଂ ପାରୁଲ ଚୌଧୁରୀ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଛନ୍ତି। ତେବେ ଅନିମେଷ କୁଜୁର ପୁରୁଷ ୨୦୦ ମିଟର ଏବଂ ଶୈଳୀ ସିଂହ ମହିଳା ଲଙ୍ଗ୍ ଜମ୍ପ୍‌ରେ ପଦକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସ୍କ୍ୱାଶ୍‌ରେ ଅନାହତ ସିଂହ ଏବଂ ଅଭୟ ସିଂହ ଦେଶ ପାଇଁ ରୌପ୍ୟ ପଦକ ଆଣିଛନ୍ତି।

ରବିବାର ବର୍ଷା ମଧ୍ୟରେ ଭାରତର ସର୍ବେଶ କୁଶାରେ ପୁରୁଷ ହାଇ ଜମ୍ପ୍‌ରେ ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ସେ ୨.୨୫ ମିଟର ଉଚ୍ଚତା ପାର କରିଥିଲେ। ଚୀନା ତାଇପେର ଚାଓ ଶୁଆନ୍-ଫୁ ମଧ୍ୟ ୨.୨୫ ମିଟର ଉଚ୍ଚତା ଲମ୍ଫ ପ୍ରଦାନ କରିଥିଲେ। କିନ୍ତୁ ସେ ଏହି ଉଚ୍ଚତା ପ୍ରଥମ ପ୍ରୟାସରେ ହାସଲ କରିଥିବାରୁ ତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଅନ୍ୟପଟେ ସର୍ବେଶଙ୍କୁ ରୌପ୍ୟ ପଦକରେ ସନ୍ତୋଷ ହେବାକୁ ପଡ଼ିଛି। ସର୍ବେଶ ୨.୨୫ ମିଟର ଉଚ୍ଚତା ଦ୍ୱିତୀୟ ପ୍ରୟାସରେ ପାର କରିଥିଲେ।

ମହିଳା ଲଙ୍ଗ୍ ଜମ୍ପ୍‌ରେ ଆନ୍ସି ସୋଜନ୍ ୬.୫୩ ମିଟରର ସର୍ବଶ୍ରେଷ୍ଠ ଲମ୍ଫ ସହିତ ରୌପ୍ୟ ପଦକ ହାସଲ କରିଛନ୍ତି। ଆନ୍ସି ଅଧିକାଂଶ ସମୟ ଆଗୁଆ ରହିଥିଲେ ମଧ୍ୟ ଶେଷ ପ୍ରୟାସରେ ଚୀନ୍‌ର ହୁଆଙ୍ଗ୍ ୟିଙ୍ଗ୍‌ୟିଙ୍ଗ୍ ୬.୫୫ ମିଟର ଲମ୍ଫ ସହିତ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ। ହୁଆଙ୍ଗ୍‌ଙ୍କ ଠାରୁ ଆନ୍ସି ମାତ୍ର ୨ ସେଣ୍ଟିମିଟର ପଛରେ ରହି ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ଆନ୍ସି ପଞ୍ଚମ ପ୍ରୟାସରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ଇଭେଣ୍ଟ୍‌ରେ ଭାରତର ଶୈଳୀ ସିଂହ ୬.୪୨ ମିଟରର ସର୍ବଶ୍ରେଷ୍ଠ ପ୍ରୟାସ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ଚୀନ୍‌ର ତାନ୍ ମେଙ୍ଗୟୀ ୬.୪୬ ମିଟର ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଭାରତର ଷ୍ଟାର୍ ଆଥ୍‌ଲେଟ୍ ତେଜସ୍ୱିନ୍ ଶଙ୍କର ପୁରୁଷ ଡେକାଥଲନ୍‌ରେ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଛନ୍ତି। ଦୁଇ ଦିନ ଧରି ଚାଲିଥିବା ଏହି କଠିନ ଇଭେଣ୍ଟ୍‌ରେ ତେଜସ୍ୱିନ୍ ମୋଟ ୭.୯୩୪ ପଏଣ୍ଟ ହାସଲ କରିଥିଲେ। ଜାତୀୟ ରେକର୍ଡଧାରୀ ତେଜସ୍ୱିନ୍ ପ୍ରଥମ ଦିନ ୧୦୦ ମିଟର, ଲଙ୍ଗ୍ ଜମ୍ପ୍, ଶଟ୍‌ପୁଟ୍, ହାଇ ଜମ୍ପ୍ ଏବଂ ୪୦୦ ମିଟର ପରେ ୪,୩୩୮ ପଏଣ୍ଟ ସହ ଶୀର୍ଷରେ ଥିଲେ। ଦ୍ୱିତୀୟ ମ୍ୟାଚ୍ ମୁକାବିଲା ବହୁ ସଂଘର୍ଷପୂର୍ଣ୍ଣ ଥିଲା। କିନ୍ତୁ ଅନ୍ତିମ ଇଭେଣ୍ଟ ୧୫୦୦ ମିଟରରେ ୪:୩୩.୦୯ ମିନିଟ୍‌ର ଚମତ୍କାର ସମୟ ସହ ସେ ବ୍ରୋଞ୍ଜ୍ ପଦକ ପକ୍କା କରିଛନ୍ତି। ଏହା ଏସିଆନ୍ ଗେମ୍ସରେ ତେଜସ୍ୱିନ୍‌ଙ୍କୁ ଲଗାତାର ଦ୍ୱିତୀୟ ପଦକ। ଏହା ପୂର୍ବରେ ସେ ୨୦୨୩ ହାଙ୍ଗ୍‌ଝୋଉ ଏସିଆନ୍ ଗେମ୍ସରେ ଡେକାଥଲନ୍‌ରେ ରୌପ୍ୟ ପଦକ ଜିତିଥିଲେ।

ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ସ୍କ୍ୱାଶ୍‌ରେ ପଦକ ବିଜୟ କ୍ରମ ଜାରି ରହିଛି। ଭାରତକୁ ଏହି ଇଭେଣ୍ଟ୍‌ରେ ବର୍ତ୍ତମାନ ସୁଦ୍ଧା ତିନି ପଦକ ମିଳିଛି। ଜୋଶନା ଚିନପ୍ପା ଏବଂ ସେନ୍ଥିଲକୁମାର ଭେଲାଭନ୍‌ଙ୍କ ମିକ୍ସଡ୍ ଡବଲ୍ସ ଯୋଡ଼ି ଶନିବାର ବ୍ରୋଞ୍ଜ୍ ପଦକ ଜିତିବା ପରେ ରବିବାର ଅନାହତ ସିଂହ ଓ ଅଭୟ ସିଂହ ସିଙ୍ଗଲ୍ସରେ ଭାରତକୁ ରୌପ୍ୟ ପଦକ ଦେଇଛନ୍ତି।

ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ଅନାହତ ୦-୩ରେ ମାଲେସିଆର ସିଭାସଙ୍ଗାରୀ ସୁବ୍ରମଣ୍ୟମ୍‌ଙ୍କ ଠାରୁ ପରାଜିତ ହୋଇଛନ୍ତି। ସିଭାସଙ୍ଗାରୀ ୧୧-୪, ୧୧-୪, ୧୧-୭ରେ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ବିଶ୍ୱର ର୍‍ୟାଙ୍କିଙ୍ଗ୍‌ର ପଞ୍ଚମ ସ୍ଥାନରେ ଥିବା ସିଭାସଙ୍ଗାରୀ ଗତ ଏସିଆନ୍ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନାହତଙ୍କ ବିପକ୍ଷରେ ଏହା ତାଙ୍କର ଲଗାତାର ତୃତୀୟ ବିଜୟ। ସେହିପରି ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ମାଲେସିଆର ଏନ୍ ୟୋଉ ଏଙ୍ଗ୍ ୩-୦ରେ ଅଭୟ ସିଂହଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗତ ଥରର ଚାମ୍ପିଅନ୍ ମାଲେସିଆ ଖେଳାଳି ୧୧-୯, ୧୧-୫, ୧୧-୫ରେ ବିଜୟୀ ହୋଇଥିଲେ। ଏହା ମାଲେସିଆ ଖେଳାଳିଙ୍କ ବିପକ୍ଷରେ ଅଭୟ ସିଂହଙ୍କ ଅଷ୍ଟମ ପରାଜୟ ଥିଲା।

## ଚକିତ ପୁରୁଷ



ମାଫ କରିଦେ ଜୀବନ ମୋର
ଅବିଶ୍ୱାସେ ଅବିଶ୍ୱାସେ ବିତାଇଥିବା
ଆୟୁଷ ମୋର
ଏହି ଅନ୍ତିମ ସମୟେ
ଅନ୍ତତଃ ଆଉ ଠକି ହେଉନି
ପାରିବୁତ ଭୁଲେଇଦେ -
ସବୁତକ ଦୋଷ ତ୍ରୁଟି ମୋର।
ଏବେ ଜୁଇର ନିକଟତର ହେବା ବେଳେ
ଆଉ ସାଲିସ କରି ପାରୁ ନାହିଁ
ନିଜ ସହ ନିଜର,
ଇର୍ଷା ଦ୍ୱେଷ ହିଂସା ଅହଂକାରର
ଅସୂୟା ଭାବ ଖୁବ ବିଦାରିତ କରିଛି
ବିବର୍ଣ୍ଣ ବି ହୋଇଛି ମୋ ସର୍ବାଙ୍ଗ
ଠକ ଖଳ ମିଛକୁ ଆଶ୍ରୟ କରି,
କଳେ ବଳେ କୌଶଳେ...
ଆଜି ଯେଉଁଠି ଠିଆ ହୋଇଛି
ସେ କେବେ ମୋର ନୁହଁ।
ସଫଳତାର ପାହାଚ ଭାବି
ବୀରଦର୍ପରେ
ଗୋଟିଏ ପରେ ଗୋଟିଏ ଚଢ଼ିଛି ସିନା
ସେଇଠି ହିଁ ନିଜକୁ ହରାଇଛି
ନୟାନ୍ତ ହେଉଛି
ଆଜି ନିଜକୁ ଖୋଜି ଖୋଜି।
ମୋର ଖିଆଲରେ ନାହିଁ
କେତେବେଳେ ଅନ୍ଧାର ଘୋଟିଛି
ଭୋର ହୋଇଛି -
ସକାଳର ଫର୍ଚ୍ଚା ଆକାଶକୁ
କେବେ ଠଉରେଇଥିବା
ମୋର ମନେ ନାହିଁ
କେଜାଣି କେବେ ଦିନ ଆସି ପୁଣି
ଫେରିଯାଇଛି।
ଆତ୍ମୀୟ ସ୍ୱଜନ ବୋଲି କେହି ବି ଥାଆନ୍ତି
ମୋର ଆଦୌ ମନେ ହିଁ ନଥିଲା
ମାୟାର ମରୀଚିକା ପଛେ ଦୌଡ଼ି ଦୌଡ଼ି
ଏବେ ମୁଁ ଭୀଷଣ ଅବଶ ବିବସ୍ତ୍ର ଓ
ବିକଳାଙ୍ଗ
ଅସଲ ଦର୍ପଣରେ ନିଜ ମୁହଁର
ଅଚିହ୍ନା ରୂପ ଦେଖି
ଏବେ ମୁଁ ଚକିତ।

**ବୈଷ୍ଣବ ମେହେର**
ସିନାପାଲି, ନୂଆପଡ଼ା
ମୋ: ୯୭୭୭୫୩୯୩୫

## ଶରତ ସକାଳ

ସକାଳୁ ସକାଳୁ ନାନା ଜାତି ଫୁଲ
ବାଡ଼ିବଗିଚା ରେ ହସନ୍ତି
ପରଜାପତି ତ ୟୁଆଡ଼େ ଥିଲେ ବି
ଫୁଲମାନଙ୍କରେ ବସନ୍ତି
କଙ୍କି ହେଉଥାଏ ବାଉଳା,
କାଶତଣ୍ଡି ଫୁଲ ବିଲର ହୁଡ଼ାରେ
ଦିଶୁଅଛି କେତେ ବହଳା ।
ବରଷା କମିଛି, ପବନ ଥମିଛି
ଜଳରାଶି ଶାନ୍ତ ପଡ଼ିଛି
କୁମୁଦ, କମଳ ପୋଖରୀରେ ଫୁଟି
ପୋଖରୀର ଶୋଭା ବଢ଼ିଛି
ବାଟଘାଟ ଶୁଖିଗଲାଣି,
ଭେଣ୍ଡି,ଜହ୍ନି ଗଛ ପତର ଶୁଖିକି
ଧୀରେ ଧୀରେ ଏବେ ମଲାଣି ।
ଖୁଦୁରୁକୁଣୀରେ ଫୁଲ ତୋଳିବାକୁ
ଝିଅମାନଙ୍କର ଗହଳ
ତିନିଟା ରାତିରୁ ଡକାଡକି ହୋଇ
ପଡ଼ିଯାଏ ତାଙ୍କ ଚହଳ
ମମ୍ମି ଗୁନ୍ଥୁଥାଏ ମାଳକୁ,
ସାଗୁନ୍ ଛିଡ଼େଇ ସେଇ ଫୁଲମାଳ
ଫୋପାଡ଼େ ପୋଖରୀ ଜଳକୁ ।
ଶୀତର ଆଭାସ ମିଳିଲାଣି ଏବେ
ପାହାନ୍ତାକୁ ଶୀତ ଲାଗୁଛି
ବାପୁନି ଆମର ଘୋଡ଼େଇ ହେବାକୁ
ଫରେନ୍ କମ୍ବଳ ମାଗୁଛି
ଇଏ ଶରତର ସକାଳ,
ଗରମ ଖାଦ୍ୟ ତ ରୁଚିକର ହେବ
ରୁଚିବନି ଆଉ ପଖାଳ।



**ମାଧବ ଚନ୍ଦ୍ର ଦାଶ**
କବି କୁଟୀର, ବ୍ରାହ୍ମଣକୁଶଡ଼ିହ,
ଆଙ୍କୁଲାଚଟୀ, ଖୋର୍ଦ୍ଧା
ଶୂନ୍ୟଭାଷ: ୯୩୪୮୯୧୬୭୮୭

## ଟୁଉକୁ ମୂଷି

ଟୁଉକୁ ମୂଷିରେ ଟୁରକୁ ମୂଷି
ସାରେ ଅଜାଙ୍କୁ କରିବୁ ଖୁସି ।
ଜହ୍ନ ରାଇଜ କୁ ନେବେ ବୁଲେଇ
ରଖିଚି ଦେବି ମୁଁ ବଡ଼ ମିଠେଇ ।
ତାଙ୍କ ପୁଅ ଝିଅ କୋଳରେ ବସି
ଆକାଶେ ଦେଖନ୍ତି ସରଗଶଶୀ ।
ଆମ ଗାଁର ସେ ଦନେଇ ଅଜା
ଛୋଟ ପିଲା ସଙ୍ଗେ କରନ୍ତି ମଜା ।
ସକାଳୁ ଉଠି ସେ ଚା' ପିଅନ୍ତି
ପରି ରାଇଜର ଗପ କହନ୍ତି ।
କୁନି ହାତ ମୋର ଛୋଟ କଲମ
କେମିତି ଲେଖିବି ତୁମ ସୁନାମ ।
ଜଗନ୍ନାଥଙ୍କର ପାଦେ ଜୁହାର
ସାରେ ଅଜାଙ୍କୁ କୋଟି ନମସ୍କାର ।

**ସରୋଜିନୀ ପାଢଶାଣୀ**
ଘିଅଖଲା, ବାଲୁଗାଁ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



## ସିନେ ଜଗତରେ ଶୋକର ଛାୟା



# ଚାଲିଗଲେ ଲୋକପ୍ରିୟ ହାସ୍ୟ ଅଭିନେତା ମୁସ୍ତାକ୍ ଖାନ୍

ଭାରତୀୟ ସିନେ ଜଗତର ଅନ୍ୟତମ ଲୋକପ୍ରିୟ ତଥା ବରିଷ୍ଠ ହାସ୍ୟ ଅଭିନେତା ମୁସ୍ତାକ୍ ଖାନ୍‌ଙ୍କ ପରଲୋକ ସିନେ ପ୍ରେମୀଙ୍କୁ ଗଭୀର ସ୍ତବ୍ଧ କରିଦେଇଛି। 'ୱେଲକମ୍' ଫିଲ୍ମର ହାସ୍ୟରସାତ୍ମକ ଚରିତ୍ର ଏବଂ ତାଙ୍କର ପ୍ରସିଦ୍ଧ ସଂଳାପ 'ମେରୀ ଏକ୍ ଟାଙ୍ଗ୍ ନକଲି ହେ' ପାଇଁ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଏହି ଅଭିନେତା ଦୀର୍ଘ ଦିନ ଧରି ଫୁସଫୁସ୍ କର୍କଟ ରୋଗ ସହ ଲଢୁଥିଲେ। ନାନାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସନ୍ଧ୍ୟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଫେଡେରେସନ୍ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲୋୟିଜ୍‌ର ସଭାପତି ବି.ଏନ୍. ତିୱାରୀ ତାଙ୍କ ବିୟୋଗ ସମ୍ପର୍କରେ ନିଶ୍ଚିତ କରିଛନ୍ତି। ସୁନୀଲ ପାଲ୍, ରାଜପାଲ ଯାଦବଙ୍କ ପରି ବହୁ ନାମୀ କଳାକାର ସୋସିଆଲ ମିଡିଆରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ଯାହା ସିନେ ଇଣ୍ଡଷ୍ଟ୍ରିରେ ସୃଷ୍ଟି ହୋଇଥିବା ଏକ ଅପୂରଣୀୟ ଶୂନ୍ୟସ୍ଥାନକୁ ଦର୍ଶାଉଛି।

ମୁସ୍ତାକ୍ ଖାନ୍‌ଙ୍କ ଚଳଚ୍ଚିତ୍ର ଯାତ୍ରା ବେଶ୍ ପ୍ରେରଣାଦାୟୀ ଏବଂ ବହୁମୁଖୀ ଥିଲା। ୧୯୮୦ ମସିହାରେ 'ଆଲବର୍ଟ ପିଣ୍ଟୋ କୋ ଗୁସା କ୍ୟୁ ଆତା ହେ' ଚଳଚ୍ଚିତ୍ରରେ ଏକ ଛୋଟ ଭୂମିକାରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିବା ମୁସ୍ତାକ୍, ପରବର୍ତ୍ତୀ ସମୟରେ 'ଥୋଡିସି ବେୱାଫାଇ', 'କାଲିଆ' ଏବଂ 'କବାଜା' ଭଳି ସିନେମାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୯୦ ଦଶକରେ ସେ ଭାରତୀୟ ସିନେମାର କେତେକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଯଥା 'ଆଶିକୀ', 'ଦିଲ୍ ହେ କେ ମାନତା ନହି', 'ସାଦାକ୍', 'ହମ୍ ହୈନ୍ ରାହୀ ପ୍ୟାର୍ କେ' ଏବଂ 'ପ୍ୟାର୍ ତୁ ହୋନା ହି ଥା'ରେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ନିକଟତର ହୋଇପାରିଥିଲେ।

୨୦୦୦ ଦଶକରେ ମଧ୍ୟ ତାଙ୍କର ଏହି ସଫଳତାର ଧାରା ଅବ୍ୟାହତ ରହିଥିଲା। 'ହେରା ଫେରି', 'ମୁଝସେ ଶାଦୀ କରୋଗୀ', 'ୱେଲକମ୍', 'ରାଉଡି ରାଠୋର', 'ଖିଲାଡି ୭୮୬', 'ୱେଲକମ୍ ବ୍ୟାକ୍', 'ସ୍ତ୍ରୀ', 'ଭରତ' ଏବଂ ନିକଟ ଅତୀତର 'ଜନ୍' ଓ 'ଲଭ୍ କି ବିବାହ ବିବାହ' ଭଳି ଅନେକ ଚଳଚ୍ଚିତ୍ରରେ ସେ ନିଜର ନିଖୁଣ ହାସ୍ୟରସାତ୍ମକ ଅଭିନୟ ଜରିଆରେ ଦର୍ଶକଙ୍କୁ ହସାଇ ହସାଇ ବେହାଲ କରିଥିଲେ। ସୁପରହିଟ୍ ଫିଲ୍ମ 'ଗାଦର: ଏକ୍ ପ୍ରେମ୍ କଥା' ଏବଂ ଏହାର ଦ୍ୱିତୀୟ ଭାଗ 'ଗାଦର ୨'ରେ ତାଙ୍କର ଅଭିନୟ ବେଶ୍ ପ୍ରଶଂସନୀୟ ଥିଲା।

କେବଳ ବଡ଼ ପରଦା ନୁହେଁ, ବରଂ ଛୋଟ ପରଦା ବା ଟେଲିଭିଜନ ଜଗତରେ ମଧ୍ୟ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। 'କୁଛ୍ ରଙ୍ଗ୍ ପ୍ୟାର୍ କେ ଐସେ ଭୀ' ଧାରାବାହିକରେ ବାଲଦେବ ତ୍ରିପାଠୀଙ୍କ ଚରିତ୍ର ଏବଂ ଲୋକପ୍ରିୟ ଶୋ' 'ଅଦାଲତ'ରେ ତାଙ୍କର ଅଭିନୟ ଦର୍ଶକଙ୍କ ମନରେ ସଦା ସର୍ବଦା ଜୀବନ୍ତ ରହିବ। ନିଜର ବହୁମୁଖୀ ଅଭିନୟ ଏବଂ ସହଜ ସରଳ ହାସ୍ୟଶୈଳୀ ପାଇଁ ମୁସ୍ତାକ୍ ଖାନ୍ ଭାରତୀୟ ସିନେମା ଇତିହାସରେ ସଦାସର୍ବଦା ସ୍ମରଣୀୟ ହୋଇରହିବେ।

# ରୀୟା ଦେଙ୍କ ସହ ଡେବ୍ୟୁ କରିଥିଲେ ଅମନ୍ ଓ ମୁନ୍ନା



ଓଲିଉଡର ଅନ୍ୟତମ ଲୋକପ୍ରିୟ ଏବଂ ସଫଳ ଅଭିନେତ୍ରୀ ରୀୟା ଦେ ନିଜର ଦୀର୍ଘ ଷୋହଳ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ଓଡ଼ିଆ ସିନେ ଜଗତକୁ ଅନେକ ଆକର୍ଷଣୀୟ ଓ ସଫଳ ଚଳଚ୍ଚିତ୍ର ଭେଟି ଦେଇଛନ୍ତି। ସିନେମା 'ପ୍ରେମ ଅଢ଼େଇ ଅକ୍ଷର' ଜରିଆରେ ଓଲିଉଡରେ ପାଦ ଥାପିଥିବା ରୀୟା, ନିଜର ପ୍ରଥମ ଫିଲ୍ମରେ ହିଁ ସୁପରଷ୍ଟାର ବାବୁସାନ୍‌ଙ୍କ ସହ ସ୍କ୍ରିନ୍ ସେୟାର କରି ଦର୍ଶକଙ୍କ ମନ ଜିଣିପାରିଥିଲେ। ଏହାପରେ ସେ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ଏବଂ ଟପ୍ ନାୟକ ସିଦ୍ଧାନ୍ତ, ଆକାଶ, ସବ୍ୟସାଚୀ, ଅମ୍ଲାନ, ଅଭିଷେକ ରଥ ଏବଂ ସମ୍ବିତଙ୍କ ଭଳି ଅଭିନେତାଙ୍କ ସହ କାମ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଏହି ଦୀର୍ଘ ଯାତ୍ରା ମଧ୍ୟରେ ଅଭିଜ୍ଞ ନାୟକଙ୍କ ସହ କାମ କରିବା ସହିତ ନବାଗତ କଳାକାରଙ୍କୁ ଓଲିଉଡରେ ସ୍ୱାଗତ କରିବାରେ ମଧ୍ୟ ରୀୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ନିଜର ସମଗ୍ର କ୍ୟାରିୟର ମଧ୍ୟରେ ସେ ମାତ୍ର ଦୁଇଜଣ ନବାଗତ ନାୟକଙ୍କ ସହ ଅଭିନୟ କରିଛନ୍ତି, ଯେଉଁମାନେ ହେଉଛନ୍ତି ଅମନ୍ ଏବଂ ମୁନ୍ନା।

ରୀୟାଙ୍କ ଅଭିନୀତ ଚଳଚ୍ଚିତ୍ର 'କଥା ଦେଲି ମଥା ଛୁଇଁ' ମାଧ୍ୟମରେ ନବାଗତ ଅଭିନେତା ଅମନ୍ ସିନେ ଜଗତରେ ନିଜର ପ୍ରଥମ ପାଦ ଥାପିଥିଲେ। ଶ୍ରୀଧର ମାର୍ଥାଙ୍କ ପ୍ରଯୋଜନା ଏବଂ ଶୈଳେନ୍ଦ୍ର ପରିଡ଼ାଙ୍କ ସୁନ୍ଦର ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ରୀୟାଙ୍କ ବିପକ୍ଷରେ ଅମନ୍ ନାୟକ ଭାବେ ଅଭିନୟ କରିଥିଲେ। ଏହି ଫିଲ୍ମରେ ଅଭିଷେକ ରଥ ଅନ୍ୟତମ ମୁଖ୍ୟ ନାୟକ ଭୂମିକାରେ ନଜର ଆସିଥିବା ବେଳେ ବରିଷ୍ଠ ଅଭିନେତା ଶ୍ରୀତମ୍ ଦାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରି ସିନେମାଟିକୁ ଅଧିକ ଜୀବନ୍ତ କରିଥିଲେ। ରୀୟା ଏବଂ ଅମନ୍‌ଙ୍କ କେମିଷ୍ଟ୍ରିକୁ ପରଦାରେ ଦର୍ଶକ ବେଶ୍ ପସନ୍ଦ କରିଥିଲେ।

ଠିକ୍ ସେହିପରି ଅନ୍ୟ ଜଣେ ନବାଗତ ଅଭିନେତା ମୁନ୍ନାଙ୍କ ସହ ରୀୟା 'ଦିୱାନା ହେଲି ତୋ ପାଇଁ' ଚଳଚ୍ଚିତ୍ରରେ କାମ କରିଥିଲେ। ଅଶୋକ କୁମାର ଦାଶଙ୍କ ପ୍ରଯୋଜନା ଏବଂ ଶ୍ରୀତମ୍ ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସିନେମାରେ ରୀୟାଙ୍କ ସହ ମୁନ୍ନା ନାୟକ ଭାବେ ଓଲିଉଡକୁ ପ୍ରବେଶ କରିଥିଲେ। ଏହି ଚଳଚ୍ଚିତ୍ରରେ ମଧ୍ୟ ଶ୍ରୀତମ୍ ଦାସ ନିଜର ଅଭିନୟର ଯାଦୁ ଦେଖାଇଥିଲେ। ନୂଆ କଳାକାରଙ୍କ ସହ କାମ କରିବା ସତ୍ତ୍ୱେ ରୀୟାଙ୍କ ସହଜ ଅଭିନୟ ଏବଂ ନବାଗତଙ୍କ ଉତ୍ସାହ ଏହି ସିନେମାଗୁଡ଼ିକୁ ସଫଳତା ଦେବାରେ ସାହାଯ୍ୟ କରିଥିଲା। ଉଭୟ ଅମନ୍ ଏବଂ ମୁନ୍ନାଙ୍କ ସହ ରୀୟାଙ୍କ ଯୋଡ଼ିକୁ ଓଡ଼ିଆ ସିନେପ୍ରେମୀ ବେଶ୍ ଆଦରର ସହ ଗ୍ରହଣ କରିଥିଲେ।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ